୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.236 Bhubaneswar Wednesday October 30 2024 | ୨୬ତମ ବର୍ଷ ସଂଖ୍ୟା-୨୩୬ ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୩୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଖୋଲୁଛି ମହିଳା କମିଶନ ଅଫିସ ଗୁମର: ଅଧ୍ୟକ୍ଷାଙ୍କ ଚ୍ୟାମ୍ବରରେ ଅଛି ବେଡରୁମ୍, ପଦ ଛାଡିବାକୁ ନାରାଜ ନେତ୍ରୀ



ଭୁବନେଶ୍ୱର,୨୯।୧୦(ପି.ଏନ): ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଓ ସମସ୍ତ ସଦସ୍ୟାଙ୍କୁ ବରଖାସ୍ତ କରାଯିବା ନେଇ ରାଜ୍ୟ ସରକାରଙ୍କ ଘୋଷଣାକୁ ୭ଦିନ ପୁରିଲାଣି । କିନ୍ତୁ ମହିଳା କମିଶନରେ ଥଇଥାନ ହୋଇଥିବା ବିଜେଡିର ଏହି ନେତ୍ରୀମାନେ ନିଜ କୁର୍ସି ଛାଡିବାକୁ ରାଜି ନାହାନ୍ତି । ଓଲଟା ରାଜ୍ୟର ବିଜେପି ସରକାରଙ୍କ ସହ ମୁହାଁମୁହିଁ ହେବାପାଇଁ ସଜବାଜ ହେଉଥିବା ଜଣାପଡିଛି । ଆଉ ଯା'ଭିତରେ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ଅଫିସ୍ ଚ୍ୟାମ୍ବର ଭିତରେ ଏକ ଗୁପ୍ତ ବେଡରୁମ୍ ରହିଥିବା ନେଇ ଚାଂଚଲ୍ୟକର ତଥ୍ୟ ପଦାକୁ ଆସିଛି । ତେବେ ସରକାରୀ ଅଫିସ୍ ଚ୍ୟାମ୍ବରରେ ବେଡରୁମ୍ କାହିଁକି ରହିଛି ଓ ଏଥିପାଇଁ ତାଙ୍କୁ କିଏ ଅନୁମତି ଦେଇଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି ।ସୂଚନା ଅନୁସାରେ, ବିଜେଡି ଶାସନକାଳରେ ରାଜ୍ୟ ମହିଳା କମିଶନରେ ଥଇଥାନ ହୋଇଥିବା ବିଜେଡି ନେତ୍ରୀମାନଙ୍କୁ ଗତ ୨୩ତାରିଖରେ ସେମାନଙ୍କୁ ପଦରୁ ବହିଷ୍କାର କରାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା । ଦଳୀୟଭିତ୍ତିରେ ନିଯୁକ୍ତି ପାଇଥିବା ଏହି ନେତ୍ରୀମାନେ ନୈତିକତା ଦୃଷ୍ଟିରୁ ନିଜଆଡୁ ପଦରୁ ଇସ୍ତଫା ନଦେବାପରେ ବିଜେପି ସରକାର ଏଭଳି ନିଷ୍ପତ୍ତି ନେଇଥିଲେ । ମାତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ପରେ ମଧ୍ୟ ଏହି ନେତ୍ରୀମାନେ ନିଜଆଡୁ ପଦରୁ ଓହରିଯିବା ପରିବର୍ତ୍ତେ ? ରାଜ୍ୟର ବିଜେପି ସରକାରଙ୍କ ସହ ମୁହାଁମୁହିଁ ହେବା ପାଇଁ ସଜବାଜ ହେବା ଜାଣିବା ପରେ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଗତ ୨୮ତାରିଖରେ ଏହି ନେତ୍ରୀମାନଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଥିଲା । ରାଜ୍ୟ ସରକାର ନିଜ କ୍ଷମତାର ଉପଯୋଗ କରି ଓଡିଶା ରାଜ୍ୟ ମହିଳା ଆୟୋଗ ଆଇନ-୧୯୯୩ର ଧାରା ୪(୩)(ଘ) ଓ(ଚ)ର ପ୍ରାବଧାନ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ତେବେ ସରକାରଙ୍କ ଏଭଳି ମତିଗତି ଜାଣିବା ପରେ ମଧ୍ୟ ରାଜନୀତିକ ଥଇଥାନ ହୋଇଥିବା ଏହି ବିଜେଡି ନେତ୍ରୀମାନେ ନିଜ ପଦ ଛାଡିବା ପରିବର୍ତ୍ତେ ? ଆଇନଗତ ଲଢ଼େଇ ପାଇଁ ସଜବାଜ ହେଉଥିବା ଜଣାପଡିଛି । ଏପରିକି ସରକାରଙ୍କ କାରଣଦର୍ଶାଅ ନୋଟିସର ଜବାବ ଦାଖଲ କରିଥିବା ଏହି ନେତ୍ରୀମାନେ ନିଜଆଡୁ ଇସ୍ତଫା ଦେଇ ସମ୍ମାନଜନକ ଭାବେ ନିଜ ପଦରୁ ଓହରିଯିବା ପରିବର୍ତ୍ତେ ? ରାଜ୍ୟ ସରକାରଙ୍କ ସହ ମୁହାଁମୁହିଁ ହେବା ଭଳି ପରିସ୍ଥିତି ଉପୁଜାଇଥିବା ବିଭାଗ ସୂତ୍ରରୁ ସୂଚନା ମିଳିଛି ।ସେପଟେ ରାଜ୍ୟ ମହିଳା କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ଅଫିସ୍ ଚ୍ୟାମ୍ବର ପରିସରରେ ଏକ ବେଡରୁମ୍ ରହିଛି । ଯେଉଁଠି ବେଡ୍ ସହ ଡନଲପ୍ ଗଦି ଓ ତକିଆ ମଧ୍ୟ ବିଛା ଯାଇଛି । ଗତ ୨୦୨୩ ସେପ୍ଟେମ୍ବର ମାସରେ ମହିଳା ଆୟୋଗଙ୍କ ଅଫିସ୍ ତୋଷାଳୀ ଭବନର ତିନିମହଲାରୁ ପ୍ରଥମ ମହଲାକୁ ସ୍ଥାନାନ୍ତର ହେବାପରେ କେବଳ ଅଧ୍ୟକ୍ଷାଙ୍କ ଅଫିସ୍ ଚ୍ୟାମ୍ବର ଭିତରେ ଗୋଟିଏ ବେଡରୁମ୍ ତିଆରି ହୋଇଥିଲା । ଯାହା ଏବେବି ରହିଛି ।କିନ୍ତୁ ପ୍ରଶ୍ନ ଉଠୁଛି, ଗୋଟିଏ ସରକାରୀ ଅଫିସ(ମହିଳା କମିଶନ କାର୍ଯ୍ୟାଳୟ)ରେ ଏଭଳି ବେଡରୁମର ଆବଶ୍ୟକତା କ'ଣ ରହିଛି ? ଅନ୍ୟ ସଦସ୍ୟାମାନଙ୍କ ଚ୍ୟାମ୍ବରରେ ସେଭଳି ବ୍ୟବସ୍ଥା ନଥିବାବେଳେ କେବଳ ଅଧ୍ୟକ୍ଷାଙ୍କ ଚ୍ୟାମ୍ବରରେ ଏଭଳି ବେଡରୁମ୍ କାହିଁକି ରହିଛି ? ଏହି ବେଡରୁମ୍‌କୁ କିଏ ଉପଯୋଗ କରୁଥିଲେ ? ଆୟୋଗଙ୍କ କାର୍ଯ୍ୟାଳୟଠାରୁ ଅଧ୍ୟକ୍ଷାଙ୍କ ସରକାରୀ କ୍ୱାର୍ଟର୍ସ ମାତ୍ର ୫ମିନିଟର ଦୂରତ୍ୱ ରହିଥିଲେ ମଧ୍ୟ ଏହି ବେଡରୁମ୍ ତିଆରି କରାଯିବାକୁ କିଏ ଅନୁମତି ଦେଇଥିଲେ ? ଯଦି ଅଧ୍ୟକ୍ଷା ଅସୁସ୍ଥ ଥିଲେ ଓ ବିଶ୍ରାମ ନେବା ଜରୁରୀ ଥିଲା ତା'ର ଖବର ରାଜ୍ୟ ସରକାରଙ୍କୁ ସେ କାହିଁକି ଦିଆଯାଇନଥିଲା ? ଏଭଳି ଏକାଧିକ ପ୍ରଶ୍ନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

### କମିବ ପେଟ୍ରୋଲ ଓ ଡିଜେଲ ଦର; ଓଡିଶାର ଏହି ସବୁ ଅଞ୍ଚଳର ଉପଭୋକ୍ତା ପାଇବେ ଲାଭ

ଭୁବନେଶ୍ୱର,୨୯।୧୦(ପି.ଏନ): କମିବ ପେଟ୍ରୋଲ ଓ ଡିଜେଲ ଦର। ଆଜି ଧନତେରାସରେ କେନ୍ଦ୍ର ସରକାର ନେଇଛନ୍ତି ଏହି ବଡ ନିଷ୍ପତ୍ତି। ତେବେ ଏଥିରୁ ଲାଭ ପାଇବେ ତୈଳ ଡିପୋରୁ ଦୂରଦୂରାନ୍ତରେ ଥିବା ସ୍ଥାନର ଉପଭୋକ୍ତା। ଏନେଇ 'ଏକ୍ସ'ରେ ସୂଚନା ଦେଇଛନ୍ତି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ।କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଓଡିଶାର ୯ଟି ସ୍ଥାନରେ ଉପକୃତ ହେବେ ଉପଭୋକ୍ତା। ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାବାସୀଙ୍କୁ ମିଳିବ ଲାଭ। କୁନନପାଲିରେ ପେଟ୍ରୋଲ ୪ ଟଙ୍କା ୬୯ ପଇସା ଓ ଡିଜେଲ୍ ୪ ଟଙ୍କା ୪୫ ପଇସା ହ୍ରାସ ପାଇବ। କାଲିମେଳାରେ ପେଟ୍ରୋଲ ୪ ଟଙ୍କା ୫୫ ପଇସା ଓ ଡିଜେଲ୍ ୪ଟଙ୍କା ୩୨ ପଇସା ହ୍ରାସ ପାଇବ।

## ସୀମାରୁ ସେନା ପ୍ରତ୍ୟାହାର ସହ ଭିତ୍ତିଭୂମି ହଟାଇଲେ ଭାରତ ଓ ଚାଇନା




ଭୁବନେଶ୍ୱର,୨୯।୧୦(ପି.ଏନ): ଭାରତ ଓ ଚାଇନା ସେନା ମଧ୍ୟରେ ଚାଲିଥିବା ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଆପତତଃ ଶେଷ ହୋଇଛି। ଦୁଇ ଦେଶ ପରସ୍ପର ସହ ଆଲୋଚନା କରି ପୂର୍ବ ଲଦାଖର ଦେପାଙ୍ଗ ଓ ଡେମଚୋକ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲେ।ଏଥିସହ ଅକ୍ଟୋବର ୨୯ ସୁଦ୍ଧା ସୀମାରେ ନିର୍ମାଣ ହୋଇଥିବା ଭିତ୍ତିଭୂମି ହଟାଇବାକୁ ରାଜି ହୋଇଥିଲେ। ସେହି ଅନୁସାରେ ଆଜି ଡିସଏନଗେଜମେଣ୍ଟ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି। ଏହାର ସ୍ୟାଟେଲାଇଟ ଛବି ମଧ୍ୟ ସାମ୍ନାକୁ ଆସିଛି।

### 'ମୋ ବସ୍' ଚକା ତଳେ ଚାପି ହୋଇଗଲେ ମହିଳା ଯାତ୍ରୀ, ଡ୍ରାଇଭର ନିଶାରେ ଥିବା ଅଭିଯୋଗ କଲେ ସ୍ୱାମୀ

କଟକ,୨୯।୧୦(ପି.ଏନ): କଟକ ନେତାଜୀ ବସ ଟର୍ମିନାଲରେ ଦେଖିବାକୁ ମିଳିଛି ଅଭାବନୀୟ ଦୁର୍ଘଟଣା । ଏହି ଦୁର୍ଘଟଣାରେ ଜଣେ ବୟସ୍କା ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି । ଜଣେ ବୟସ୍କା ବୃଦ୍ଧାଙ୍କ ଉପରେ ଚଢ଼ିଗଲା ମୋ ବସ । ସ୍ଥାନୀୟ ଲୋକଙ୍କ ସହାୟତାରେ ବୃଦ୍ଧାଙ୍କୁ ତୁରନ୍ତ ଏସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତକଙ୍କ ସ୍ୱାମୀ ଲକ୍ଷ୍ମଣ ଗୋଛାୟତଙ୍କ କହିବାନୁଯାୟୀ, ସେ ଆଉ ଆଉ ତାଙ୍କ ପତ୍ନୀ ସରସ୍ୱତୀ ଗୋଛୟତ ଗୋପାଳପୁର ସ୍ଥିତ ଏକ ସମ୍ପର୍କୀୟଙ୍କ ଘରକୁ ଯିବା ପାଇଁ ସନ୍ଧ୍ୟା ସମୟରେ ମୋ ବସ ଜରିଆରେ ସିଡିଏରୁ ବସ ଟର୍ମିନାଲ ଆସିଥିଲେ । ଉଭୟ ବସରୁ ଓହ୍ଲାଇବା ସମୟରେ ହଠାତ ବସଟି ଚଳିବାକୁ ଲାଗିଥିଲା । ଫଳରେ ବୃଦ୍ଧା ମହିଳା ଜଣଙ୍କ ବସରୁ ଖସି ପଡ଼ିଥିଲେ । ନିକଟରେ ଥିବା ସମସ୍ତେ ଯାତ୍ରୀ ବସକୁ ଅଟକେଇବା ପାଇଁ ହୋହାଲା କରିଥିଲେ ହେଲେ ଦେଖୁଦେଖୁ ବସଟି ସରସ୍ୱତୀଙ୍କ ଉପରେ ଚଢ଼ି ଯାଇଥିଲା । ଯାହା ଫଳରେ ଘଟଣା ସ୍ଥଳରେ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିଲା ।

## ସ୍ୱାଧୀନ ନା ଏନସିପିରୁ ଲଢ଼ିବେ ୨ଟି ନାମାଙ୍କନ ପତ୍ର ଦାଖଲ କଲେ ନୱାବ ମଲିକ



ଭୁବନେଶ୍ୱର,୨୯।୧୦(ପି.ଏନ): ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଅଜିତ ପାୱାରଙ୍କ ଏନସିପିର ନେତା ନୱାବ ମଲିକ ଆଜି ମୁମ୍ବାଇର ମନଖୁର୍ଦ ଶିବାଜୀ ନଗର ନିର୍ବାଚନ ମଣ୍ଡଳୀରୁ ୨ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ଗୋଟିଏ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଓ ଏନସିପିର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ, ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ନୱାବ ମଲିକ କ'ଣ ନିର୍ବାଚନ ପୂର୍ବରୁ କିଛି ଗୋଟିଏ ବଡ ପଦକ୍ଷେପ ନେବେ କି ବୋଲି ମଧ୍ୟ ପ୍ରଶ୍ନ ଉଠିବାରେ ଲାଗିଛି ।ତେବେ ଦୁଇଟି ନାମାଙ୍କନ ପତ୍ର ଦାଖଲକୁ ନେଇ ଚର୍ଚ୍ଚା ଲାଗିଥିବା ବେଳେ ନୱାବ ମଲିକ ପରବର୍ତ୍ତୀ ଅବସ୍ଥାରେ ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, "ଆଜି ମୁଁ ମନଖୁର୍ଦ ଶିବାଜୀ ନଗର ବିଧାନସଭା ଆସନରୁ ଏନସିପି ପ୍ରାର୍ଥୀ ଭାବେ ଗୋଟିଏ ନାମାଙ୍କନ ଦାଖଲ କରିଛି। ସମାନ ଆସନରୁ ମୁଁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଧ୍ୟ ନାମାଙ୍କନ ଭରିଛି। କିନ୍ତୁ ଦଳ ପକ୍ଷରୁ ନାମାଙ୍କନ ବେଳେ ଏବି ଫର୍ମ(ଦଳର ପ୍ରାର୍ଥୀ ହେବାର ପ୍ରମାଣପତ୍ର) ପଠା ଯାଇଥିଲା ଓ ଆମେ ଏହାକୁ ଦିନ ୨.୫୫ରେ ଦାଖଲ କରିଛୁ। ଏହାର ଅର୍ଥ ମୁଁ ଏବେ ବିଧିବଦ୍ଧ ଭାବେ ଏନସିପିର ପ୍ରାର୍ଥୀ।

## ଜେଏସଡବ୍ଲ୍ୟୁ ସହ ବୁଝାମଣା କଲା ପସ୍କ, ୧୯ ବର୍ଷ ପରେ ଓଡିଶା ଫେରିବ




ଭୁବନେଶ୍ୱର,୨୯।୧୦(ପି.ଏନ): ଦକ୍ଷିଣ କୋରିଆ କମ୍ପାନୀ ପସ୍କ ପ୍ରାୟ ୧୯ବର୍ଷ ପରେ ଓଡିଶା ଫେରିବ । ଆଉ ଇସ୍ପାତ କ୍ଷେତ୍ରରେ ପୁଞ୍ଜିନିବେଶ କରିବ । ବିଶ୍ୱର ସପ୍ତମ ବୃହତମ ଇସ୍ପାତ ଉତ୍ପାଦନକାରୀ ପସ୍କ ? ଆଜି ଜେଏସଡବ୍ଲ୍ୟୁ ସହ ଏମଓୟୁ ସ୍ୱାକ୍ଷର କରି ଇସ୍ପାତ, ବ୍ୟାଟେରୀ ସାମଗ୍ରୀ ଓ ଅକ୍ଷୟଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ସହମତ ହୋଇଛି । ଓଡିଶାର ପାରାଦୀପଠାରେ(ପସ୍କର ପୁରୁଣା ପ୍ରକଳ୍ପ ସ୍ଥାନ) ଜେଏସଡବ୍ଲ୍ୟୁର ପ୍ରସ୍ତାବିତ ମେଗା ଇସ୍ପାତ ପ୍ରକଳ୍ପରେ ଏକାଠି କାମ କରିବାକୁ ଉଭୟ କମ୍ପାନୀ ମଧ୍ୟରେ ବୁଝାମଣା ହୋଇଥିବା ଜଣାପଡିଛି । ଦକ୍ଷିଣ କୋରିଆର ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ, ମେଗା ଷ୍ଟିଲ ପ୍ଲାଂଟ ସ୍ଥାପନ ପାଇଁ ଭାରତର ଜେଏସଡବ୍ଲ୍ୟୁ ଗ୍ରୁପ୍ ସହ ପସ୍କ ? ଗ୍ରୁପ୍ ଏମଓୟୁ ସ୍ୱାକ୍ଷର କରିଛି । ଉଭୟ କମ୍ପାନୀ ଓଡିଶାରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଂଟରେ ବାର୍ଷିକ ୫ନିୟୁତ ଟନ୍ ଉତ୍ପାଦନ କରିବା ସହ ଭବିଷ୍ୟତରେ ଏହାର କ୍ଷମତା ସମ୍ପ୍ରସାରଣ ପାଇଁ ମଧ୍ୟ ରାଜି ହୋଇଛନ୍ତି । ଉଭୟ କମ୍ପାନୀ ୫୦ ପ୍ରତିଶତ ଲେଖାଏଁ ପୁଞ୍ଜିନିବେଶ କରିବେ ଯାହାକି ବିଲିୟନ ଡଲାରରେ ବୋଲି ଆଶା କରାଯାଉଛି ।

## ଦୀପାବଳୀରେ ବାଣ ଫୁଟାଇବାକୁ ନେଇ ଜାରି ହେଲା ଗାଇଡଲାଇନ୍ସ: ରାତି ୭ଟାରୁ ୯ଟା ମଧ୍ୟରେ ବାଣ ଫୁଟାଇବାକୁ ଅନୁମତି



ଭୁବନେଶ୍ୱର,୨୯।୧୦(ପି.ଏନ): ଦୀପାବଳୀରେ ବାଣ ଫୁଟାଇବାକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଗାଇଡଲାଇନ୍ସ ଜାରି ହୋଇଛି । ରାତି ୭ଟାରୁ ୯ଟା ଭିତରେ ବାଟ ଫୁଟାଇବା ନେଇ ମିଳିଛି ଅନୁମତି । ୧୨୫ ଡେସିବେଲରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ନେଇ ବାରଣ କରାଯାଇଛି । ଧାର୍ମିକ ଅନୁଷ୍ଠାନର ୧୦୦ ମିଟର ପରିଧି ଭିତରେ ବାଣ ଫୁଟାଇ ପାରିବେନି । ଏଥିସହିତ ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ଶବ୍ଦଯୁକ୍ତ ବାଣ ନ ଦେବାକୁ କୁହାଯାଇଛି ।ଗାଇଡଲାଇନ୍ସ ମୁତାବକ, ଏଥର ଦୀପାବଳିରେ ବେରିୟମ୍ ଓ କେମିକାଲଯୁକ୍ତ ବାଣ ବିକ୍ରି, ବ୍ୟବହାର ନେଇ କଟକଣା ଲାଗୁ କରାଯାଇଛି । ବସ୍ତିରେ, ରାସ୍ତାରେ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଟ ଫୁଟାଇବାକୁ ବାରଣ କରାଯାଇଛି । ପାର୍କ, ସାଇଲେନ୍ସ ଜୋନମାନଙ୍କରେ ବାଟ ଫୁଟାଇ ପାରିବେନି । ଏଥିସହିତ ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଓ କୋର୍ଟମାନଙ୍କର ୧୦୦ ମିଟର ପରିଧି ଭିତରେ ବାଟ ଫୁଟାଇବାକୁ ଅନୁମତି ନାହିଁ । ଧାର୍ମିକ ଅନୁଷ୍ଠାନଗୁଡିକର ଶହେ ମିଟର ଭିତରେ ମଧ୍ୟ ବାଟ ଫୁଟାଯିବନି ।

## ଓଡିଶାରେ ୩ଟି ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ: ଡ୍ରଗସ୍ ଟେଷ୍ଟିଙ୍ଗ ଓ ପ୍ରାକୃତିକ ଚିକିତ୍ସା କ୍ଷେତ୍ରରେ ଆଗକୁ ବଢ଼ିବ ରାଜ୍ୟ



ଭୁବନେଶ୍ୱର,୨୯।୧୦(ପି.ଏନ): ଆଜି ରାଜ୍ୟବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ଟି ବଡ ଉପହାର ଦେଇଛନ୍ତି । ଆଜି ପ୍ରଧାନମନ୍ତ୍ରୀ ୩ଟି ପ୍ରକଳ୍ପର ଶୁଭାମ୍ଭ କରିଛନ୍ତି । ଏହି ପ୍ରକଳ୍ପର ଉଦଘାଟନ ହେବା ଫଳରେ ଆଗାମୀ ଦିନରେ ରାଜ୍ୟବାସୀ ବିଭିନ୍ନ କ୍ଷେତ୍ରରେ ବିକାଶ ଲାଭ କରିବା ସହ ସହଜରେ ସେବା ପାଇ ପାରିବେ । ପିଏମ୍ ମୋଦୀ ଆଜି ଭୁବନେଶ୍ୱର ନିକଟସ୍ଥ ଗୋଠପାଟଣା ଠାରେ ସେଣ୍ଟ୍ରାଲ ଡ୍ରଗସ ଟେଷ୍ଟିଙ୍ଗ ଲାବୋରେଟୋରୀର ଉଦଘାଟନ କରିଥିବା ବେଳେ, ଖୋର୍ଦ୍ଧା ଜିଲ୍ଲା ବିଞ୍ଝଗିରି ଠାରେ କେନ୍ଦ୍ରୀୟ ଯୋଗ ଓ ପ୍ରାକୃତିକ ଚିକିତ୍ସା ଅନୁସନ୍ଧାନ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ସହିତ ବରଗଡରେ ଏକ କ୍ରିଟିକାଲ୍ କେୟାର ସେଣ୍ଟରର ଉଦଘାଟନ ମଧ୍ୟ କରିଛନ୍ତି । ଏହି ସବୁ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀଠାରେ ଆଭାସୀ ଜରିଆରେ ଶୁଭାରମ୍ଭ କରିଛନ୍ତି ।ଏହି ଅବସରରେ ଗୋଠପାଟଣା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଏହି ଡ୍ରଗ ଟେଷ୍ଟିଙ୍ଗ ଲାବୋରେଟୋରୀ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ଥିବା ଭଲପାଇବାର ନିଦର୍ଶନ । ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁଁ ଆମ ରାଜ୍ୟ ଓଡିଶାରେ ଏକ ଅନ୍ତର୍ଜାତୀୟ ମାନର ଭେଷଜ ପରୀକ୍ଷା ପ୍ରୟୋଗଶାଳା ସ୍ଥାପିତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରୟୋଗଶାଳାର ସ୍ଥାପନା ଦ୍ୱାରା ଭେଷଜ ପରୀକ୍ଷା ଓ ମାନ ନିୟନ୍ତ୍ରଣ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆସିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଏହା ପୂର୍ବରୁ ଆମକୁ ଔଷଧର ମାନ ପରୀକ୍ଷଣ ପାଇଁ ରାଜ୍ୟ ବାହାରର କେନ୍ଦ୍ରୀୟ ପ୍ରୟୋଗଶାଳା ଉପରେ ନିର୍ଭର କରିବାକୁ ପଡୁଥିଲା କିନ୍ତୁ ଏବେ ଆମ ହାତ ପାଆନ୍ତାରେ ଏହି ପ୍ରୟୋଗଶାଳା ହେବା ଦ୍ୱାରା ସମୟ ବଞ୍ଚିବା ସହିତ, ତ୍ୱରାନ୍ୱିତ ଭାବେ ଆମେ ଔଷଧର ମାନ ପରୀକ୍ଷଣ କରି ତା'ର ରିପୋର୍ଟ ପାଇ ପାରିବା ଯାହାକି ଆମର ସାଧାରଣ ଜନତାଙ୍କୁ ଅଧିକ ମାତ୍ରାରେ ଉପକୃତ କରିବ । ଏତଦ୍ୱାରା ଆମ ରାଜ୍ୟରେ ଉନ୍ନତମାନର ଔଷଧର ବିତରଣକୁ ପ୍ରୋତ୍ସାହନ ମିଳିବ । ଏହା ଆମ ପାଇଁ ବହୁତ ଗର୍ବର ବିଷୟ । ଏହି ପ୍ରୟୋଗଶାଳା ଆମ ରାଜ୍ୟରେ ଥିବା ଓଡିଶା ସରକାରଙ୍କର ପ୍ରୟୋଗଶାଳା ଉପରେ ପରୀକ୍ଷଣର ଚାପକୁ ଦୂର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଆମ ଓଡିଶା ମାଟିରୁ ସମଗ୍ର ଦେଶକୁ ସେବା ଦେବାପାଇଁ ସୁଯୋଗ ମିଳିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରସରକାରଙ୍କୁ ଅନେକ ଧନ୍ୟବାଦ ଦେବା ସହ ସମସ୍ତ ଓଡିଶାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୭୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମୋଦୀଜୀ ଦେଶରେ ବୈପ୍ଲବିକ ପରିବର୍ତ୍ତନ ଆଣିଛନ୍ତି । ଆୟୁଷ୍ମାନ ଭାରତ ପୃଥିବୀର ସବୁଠାରୁ ବୃହତ୍ତମ ସ୍ୱାସ୍ଥ୍ୟ ବୀମା ଯୋଜନା ଯାହାଦ୍ୱାରା ପ୍ରାୟ ୫୦ କୋଟି ଗରିବ ଲୋକେ ଉପକୃତ ହେଉଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ଆମ ସରକାର ଖୁବଶୀଘ୍ର 'ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛି । ଏହା ସହିତ ଆମ ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ଯୋଜନା 'ଗୋପବନ୍ଧୁ ଜନ ଆରୋଗ୍ୟ' ଯୋଜନା ମଧ୍ୟ କାର୍ଯ୍ୟକାରୀ ହେବ । ଦୀପାବଳି ଭେଟି ଭାବେ ବର୍ତ୍ତମାନ ଧନୀ ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ବୟୋଜ୍ୟେଷ୍ଠ ନାଗରିକମାନେ ମଧ୍ୟ ଏହି ସୁବିଧା ପାଇବାକୁ ଯାଉଛନ୍ତି । ଏହା ହେଉଛି ଦେଶର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ପ୍ରତି ମୋଦୀଜୀଙ୍କ ଦୀପାବଳି ଭେଟି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଦୁଇଟି ଯୋଜନାର ସମନ୍ୱୟରେ ରାଜ୍ୟବାସୀ ଚିକିତ୍ସା ଚିନ୍ତାରୁ ମୁକ୍ତ ହେବେ । ଏହି ଦୁଇଟି ଯୋଜନା ପାଇଁ ରାଜ୍ୟ ବଜେଟରେ ୩ ହଜାର ୫୫୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ସେ କହିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶରେ ଟୀକାକରଣ ବ୍ୟବସ୍ଥାର ସୁଦୃଢୀକରଣ ପାଇଁ ୟୁ-ୱିନ ପୋର୍ଟାଲ, ଦେଶର ଦୁର୍ଗମ ଅଞ୍ଚଳକୁ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ଡ୍ରୋନ୍ ସେବା ବ୍ୟବସ୍ଥା, ଆନୁଷଙ୍ଗିକ ସ୍ୱାସ୍ଥ୍ୟସେବା କ୍ଷେତ୍ରର ପ୍ରଫେସନାଲ୍ ମାନଙ୍କ ପାଇଁ ଡିଜିଟାଲ ଇନିସିଏଟିଭ୍ ଏବଂ ଆହୁରି ଅନେକ ଯୋଜନାର ମଧ୍ୟ ଶୁଭାରମ୍ଭ କରିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆମ ନୂଆ ସରକାର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଚଳିତ ବର୍ଷ ବଜେଟରେ ଆମେ ସ୍ୱାସ୍ଥ୍ୟ ସେବା କ୍ଷେତ୍ର ପାଇଁ ୨୧ ହଜାର କୋଟିରୁ ଅଧିକ ଟଙ୍କାର ବ୍ୟୟ ବରାଦ କରିଛୁ । ଏହା ପୂର୍ବ ବର୍ଷ ଅପେକ୍ଷା ୩୨ ପ୍ରତିଶତ ଅଧିକ । ଏହା ଆମ ଚଳିତ ବଜେଟର ୮ ପ୍ରତିଶତ ଅଟେ । ଏଥିରୁ ଆପଣମାନେ ଅନୁଭବ କରିପାରୁଥିବେ ଯେ ଆମ ସରକାର ସ୍ୱାସ୍ଥ୍ୟ ସେବାକୁ କେତେ ଗୁରୁତ୍ୱ ଦେଉଛି ।ଆୟୁର୍ବେଦ ଓ ଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଦୁଇଟି ପାରମ୍ପାରିକ ବିଜ୍ଞାନ ସାରା ବିଶ୍ୱକୁ ପ୍ରାଚୀନ ଭାରତର ମହର୍ଷିମାନଙ୍କର ଏକ ମହାନ ଅବଦାନ । ହିନ୍ଦୁ ଶାସ୍ତ୍ରର ମାନ୍ୟତା ଅନୁଯାୟୀ ଭଗବାନ ଶିବ ହେଉଛନ୍ତି ଆଦିଯୋଗୀ । ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ମହର୍ଷି ପତଞ୍ଜଳୀ ପ୍ରଥମେ ଯୋଗଶାସ୍ତ୍ର ରଚନା କରିଥିଲେ । ଯୋଗ ଦ୍ୱାରା ଶାରିରୀକ ମାନସିକ ସନ୍ତୁଳନ ରକ୍ଷା ହୋଇଥାଏ । ଆଜିର ସମାଜରେ ଜୀବନ ଶୈଳୀରେ ସାମାନ୍ୟ ପରିବର୍ତ୍ତନ କରି ଯୋଗ ମାଧ୍ୟମରେ ଆମେ ନିଜକୁ ଆରୋଗ୍ୟ କରିପାରୁଛୁ । ଆଜିର ବୈଜ୍ଞାନିକ ଯୁଗରେ ମଧ୍ୟ ଯୋଗ, ସର୍ବମାନ୍ୟ ଓ ଲୋକପ୍ରିୟ ହୋଇପାରିଛି । ଆଜି ଯୋଗ କେବଳ ଆଶ୍ରମ ଓ ସାଧୁସନ୍ଥ ମାନଙ୍କ ମଧ୍ୟରେ ସୀମିତ ନୁହେଁ । ଏହା ଆଜି ଆମ ଦୈନିକ ଜୀବନର ମଧ୍ୟ ଏକ ଅଂଶବିଶେଷ ହୋଇପାରିଛି । ସମଗ୍ର ବିଶ୍ୱର ଜନସାଧାରଣ ଆଜି ଯୋଗ ପ୍ରତି ସଚେତନ ଅଛନ୍ତି ବୋଲି ସେ କହିଥିଲେ । ଯୋଗର ଲୋକପ୍ରିୟତା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଯୋଗକୁ ଆଗରୁ ମଧ୍ୟ ଲୋକ ଜାଣି ଥିଲେ ।

## ଭୟଙ୍କର ବସ ଦୁର୍ଘଟଣା, ଚାଲିଗଲା ୧୨ ଜୀବନ

ଭୁବନେଶ୍ୱର,୨୯।୧୦(ପି.ଏନ): ରାଜସ୍ଥାନର ସିକାରରେ ଘଟିଛି ଭୟଙ୍କର ସଡକ ଦୁର୍ଘଟଣା। ଗୋଟିଏ ଯାତ୍ରିବାହୀ ବସ୍ ଦ୍ରୁତଗତିରେ କଲଭର୍ଟରେ ପିଟି ହୋଇ ଛିନ୍ନଛତ୍ର ହୋଇଯାଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କିଛି ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି ।ପୁଲିସର ପ୍ରାଥମିକ ସୂଚନା ଅନୁଯାୟୀ, ପୂରା ଘଟଣା ମଙ୍ଗଳବାର ମଧ୍ୟାହ୍ନ ସମୟରେ ଘଟିଛି। ବସ୍‌ଟି ସାଲସରରୁ ଆସୁଥିଲା। କିନ୍ତୁ ସିକାର ଜିଲ୍ଲାରେ ଥିବା ଲକ୍ଷ୍ମୀଗଡ ନିକଟରେ ଏହା ଗୋଟିଏ କଲଭର୍ଟରେ ପିଟି ହୋଇଯାଇଥିଲା।

### ବାହାନଗା ଟ୍ରେନ୍ ଟ୍ରାଜେଡି: ଗିରଫ ୩ ଜଣଙ୍କୁ ମିଳିଲା ସର୍ତ୍ତମୂଳକ ଜାମିନ

କଟକ,୨୯।୧୦(ପି.ଏନ): ଗତ ବର୍ଷ ଜୁନ ମାସ ୨ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଯାଇଥିବା ମର୍ମନ୍ତୁଦ ଦୁର୍ଘଟଣା ଆଜି ପର୍ଯ୍ୟନ୍ତ ମନରୁ ଲିଭି ନାହିଁ । ଏହି ଦୁର୍ଘଟଣାରେ ୨୯୩ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିବା ସହ ୧ ହଜାରରୁ ଅଧିକ ଆହତ ହୋଇଥିଲେ । ବାହାନଗା ଟ୍ରେନ୍ ଟ୍ରାଜେଡି ମାମଲାରେ ଗିରଫ ହୋଇଥିବା ୩ ଜଣଙ୍କୁ ମିଳିଲା ଜାମିନ । ମହମ୍ମଦ ଅମୀର ଖାନ୍, ଅରୁଣ ମହାନ୍ତ, ପପୁ କୁମାରଙ୍କୁ ମିଳିଲା ଜାମିନ ।୩ ଜଣଙ୍କୁ ସର୍ତ୍ତମୂଳକ ଜାମିନ ମଂଜୁର କଲେ ହାଇକୋର୍ଟ । ୨୦୨୩ ଜୁନ ୨ ତାରିଖରେ ବାହାନଗା ଠାରେ ଘଟିଥିଲା ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣା । ସରକାରୀ ରିପୋର୍ଟ ଅନୁସାରେ ଦୁର୍ଘଟଣାରେ ୨୯୩ ଜଣଙ୍କ ମୃତ୍ୟୁ ହେବା ସହ ଆହତ ହୋଇଥିଲେ ଶତାଧିକ ଲୋକ । ବାହାନଗା ଟ୍ରେନ୍ ଦୁର୍ଘଟଣା ଘଟିବାର ୧ ମାସ ପରେ ଜୁଲାଇ ମାସ ୭ ତାରିଖରେ ଏହି ତିନିଜଣ ମାଷ୍ଟର ମାଇଣ୍ଡଙ୍କୁ ସିବିଆଇ ଗିରଫ କରିଥିଲା । ଏହି ତିନିଜଣ ରେଳ କର୍ମଚାରୀଙ୍କର ଟ୍ରେନ ଦୁର୍ଘଟଣାରେ ହାତ ଥିବାରୁ ସେମାନଙ୍କୁ ଗିରଫ କରାଯାଇଥିଲା । ଏଥିସହିତ ସେମାନଙ୍କୁ ପଚରାଉଚରା କରାଯିବା ସହ ସତ ଖୋଜିବାକୁ ପ୍ରୟାସ କରିଥିଲା ତଦନ୍ତକାରୀ ସଂସ୍ଥା । ସେମାନଙ୍କ ବିରୋଧରେ କିଛି ସୁରାକ ମିଳିବା ପରେ ଧାରା ୩୦୪ ଓ ୨୦୧ ସିଆରପିସି ଅନୁସାରେ ସେମାନଙ୍କୁ ଗିରଫ କରାଯାଇଥିଲା ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଲା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ରତୁରେ ରୋଗ ବେଶୀ



ଶୀତରତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଟିକେ ଶୁଣିବା ଆସନ୍ତୁ ! !

'ଆଜ୍ଞା, ଟିକେ କାନ ପରୀକ୍ଷା କରାଇ ଦେଉନାହାଁନ୍ତି ?' - ଆଜିର ସମୟରେ ସାଧାରଣତଃ ଜଣକୁ ତାଙ୍କର ଦେହପାଆ ଭଲ ମନ୍ଦ କଥା ବୁଝି ଏହି କଥାଟି କୁଶଳ ମଙ୍ଗଳରେ ପଚାରିଲେ ଉତ୍ତର ପାଇବେ - 'ମୁଁ କ'ଣ କାଲା କି ?' ଅତି ବିନମ୍ର ଭାବେ ଏହି ଲେଖକ ଏହି ଶବ୍ଦଟିକୁ ସୂଚୀତ କରୁଛି କି ଯେ ମଣିଷ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାନ ପ୍ରତି ଆମେ ଯେ କେତେ ଅବହେଳା କରୁଛେ ତାହା ହିଁ ସବୁଠାରୁ ବଡ଼ ଉଦ୍‌ବେଗର କଥା । ଜଣେ ପରିଚୟ, ଗୌରବ, ସୁନ୍ଦରତା, ଶାଳୀନତା ସବୁକିଛି ଥାଇ ବି ଜଣଙ୍କ କଥା ବା ବେଦନା ଶୁଣି ନପାରିବା ଅତ୍ୟନ୍ତ ମର୍ମନ୍ତୁଦ । ବର୍ତ୍ତମାନର ସମୟରେ ଆମ କାନ ସୂଚନା ପ୍ରଯୁକ୍ତିର ଆଗୁଆ ଦୌଡ଼ ଭିତରେ ଅଧିକ କଷ୍ଟ ବି ପାଉଛି । ଅତ୍ୟାଧୁନିକ ମିଡ଼ିଆ ଯୋଗାଯୋଗ, ହାତ ପାହାନ୍ତାର ମୋବାଇଲ, ଗାଡ଼ିମଟରର କର୍କଶ ଧ୍ୱନୀ, ଧୂଳି, ଧୂଆଁ ସବୁକିଛି ତ ଆମ କାନର ପରିବେଶକୁ ଯେତିକି ବିଷାକ୍ତ କଲାଣି ତତୋଧିକ କ୍ଷତି କରିସାରିଲାଣି । ଏହି ଲେଖକ ଚିକିତ୍ସା ସେବା ଭିତରେ ଆଶ୍ଚର୍ଯ୍ୟକର ଭାବେ ଯୁବକ ମାନଙ୍କ ଠାରେ ଶ୍ରବଣହାନୀର ମାତ୍ରାଧିକ ସଂଖ୍ୟା ଦେଇଛନ୍ତି ଯାହାକି ତାଙ୍କ କର୍ମବୃତ୍ତି ଜୀବନର ଏହି ପାଞ୍ଚ ବର୍ଷ ତଳେ ବି ସେ ସାମ୍ନା କରିନଥିଲେ । ମୋବାଇଲ ଓ ବ୍ଲୁଟୁଥ୍‌ର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ । ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା । ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଣ୍ଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା । ମାର୍ଚ୍ଚ ୩ (୩.୩) ପ୍ରତୀକାତ୍ମକ ଭାବରେ ଜଣଙ୍କର ଦୁଇଟି କାନକୁ ବୁଝାଇଥାଏ । ଏହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦିବସକୁ ଏକ ମହାନ କାର୍ଯ୍ୟ ପାଇଁ ଉତ୍ସର୍ଗ କରିଛି । ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଶ୍ୱରେ ଶ୍ରବଣ ସମସ୍ୟାକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଜନ ସମାଜକୁ କାନର ଯତ୍ନ ନେବାରେ ବ୍ରତୀ କରିବା । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡ଼ିତ । ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ । ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି । ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି । ଏକ ହିସାବରୁ ଜଣାଯାଇଛି ଯେ ଇଂଲଣ୍ଡରେ ମାତ୍ର ୨୦% ଲୋକ ଶ୍ରବଣ ଦୋଷ ହେଲେ ଡାକ୍ତରଙ୍କୁ ପରାମର୍ଶ କରିଥାନ୍ତି । ଏହା ବ୍ୟକ୍ତି ଏବଂ ସମାଜ ପାଇଁ ବହୁତ କ୍ଷତିକାରକ । ଦକ୍ଷିଣ ଆଫ୍ରିକାର ଲୋକମାନେ ଶ୍ରବଣହାନୀ ହେବାର ୫ରୁ ୧୬ ବର୍ଷ ପର୍ଯ୍ୟନ୍ତ ଡାକ୍ତର ପରାମର୍ଶ ଲୋଡ଼ି ନଥାନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି । ଏହି ସବୁ କାରଣରୁ ବ୍ୟକ୍ତିର କ୍ଷତି ହେବା ସଙ୍ଗେ ସଙ୍ଗେ ଦେଖାଯାଇଛି ଯେ ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାୟ ୭୫ହଜାର କୋଟି ଡଲାରର ବର୍ଷକୁ କ୍ଷତି ହେଉଛି । ଏହା ଏକ ବହୁତ ବଡ଼ ଆର୍ଥିକ କ୍ଷତି । ଏହା ହେଲା ଏକ ସାମଗ୍ରୀକ ଆକଳନ । ଭାରତ ଭଳି ବିକାଶମୁଖୀ ଦେଶ ମାନଙ୍କର କଥା ଆହୁରି ଭୟାନକ । ଏସବୁକୁ ଆଖି ଆଗରେ ରଖି ପ୍ରତି ବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଉପରେ ଆଧାର କରି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତି ବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରବଣ ଦିବସ ବା ୱାର୍ଲଡ଼ ହିୟରିଂ ଡେ ଭାବରେ ପାଳନ କରୁଛି । ଏ ବର୍ଷର ବାର୍ତ୍ତା ହେଲା 'ଚେକ୍ ୟୋର ହିୟରିଂ' (ଆପଣଙ୍କ କାନ ପରୀକ୍ଷା କରାଇ ଦିଅନ୍ତୁ) । ଏହି ଅବସରରେ ସାଧାରଣ ନାଗରିକଟିଏ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ । ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି । ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ । ଉଦାହରଣ ସ୍ୱରୂପ - କାନରେ ଶବ୍ଦ ହେଲେ, କାନ ବିନ୍ଧା ହେଲେ, କାନକୁ କମ୍ ଶୁଭିଲେ, କାନ ଜାମ ଲାଗିଲେ, କାନ କୁଣ୍ଡେଇ ହେଲେ, ମୁଣ୍ଡ ବୁଲାଇଲେ, କାନରୁ ପାଣି କିମ୍ବା ପୂଜ ବାହାରିଲେ ବିଳମ୍ବ ନକରି ଯଥାଶୀଘ୍ର ନିକଟସ୍ଥ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କୁ ପରାମର୍ଶ କରାଇବା ଉଚିତ । ଏହାଛଡ଼ା ନବଜାତ ଶିଶୁର ଶ୍ରବଣ ପରୀକ୍ଷା ନିହାତି ଅପରିହାର୍ଯ୍ୟ । ଆଜିକାଲି ମା'ପେଟରେ ଥିବା ସାତ ମାସରୁ ଉର୍ଦ୍ଧ୍ୱ ଶିଶୁର ଶ୍ରବଣ ପରୀକ୍ଷାମାନ କରାଯାଇପାରୁଛି । ସରକାରଙ୍କ ତରଫରୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନବଜାତ ଶିଶୁମାନଙ୍କର ଠିକ୍ ଜନ୍ମ ପରେ ପରେ ଶ୍ରବଣ ପରୀକ୍ଷା କରାଯାଉଛି । ଯାହାଦ୍ୱାରା ଭବିଷ୍ୟତରେ ସେମାନେ ଉପଯୁକ୍ତ ଚିକିତ୍ସା, ଉପଯୁକ୍ତ ସମୟରେ ପାଇପାରୁଛନ୍ତି । ଏତ ଗଲା ଶ୍ରବଣ ପରୀକ୍ଷାର କଥା । ଆଉ ଟିକେ ଯତ୍ନଶୀଳ ହେଲେ ଆମେ ଶ୍ରବଣଦୋଷକୁ ଅଟକାଇ ପାରିବା । ଉଦାହରର ସ୍ୱରୂପ ଅଧିକ ଲୁଣ ଖାଇଲେ, ଅଧିକ ପାଣି ପିଇଲେ, ଆଲକୋହଲ, ନିକୋଟିନ ଏବଂ ଟବାକୋ ଭଳି ନିଶାସେବନ କଲେ କାନର ସ୍ନାୟୁ ଦୁର୍ବଳ ହୋଇ ଶ୍ରବଣହାନୀ ହୋଇଥାଏ । ଏଥିରୁ ନିବୃତ୍ତ ରହିବା ଉଚିତ । ବହୁତ ସମୟ ଥଣ୍ଡାରୁ ନାକରୁ ପାଣିଗଡ଼େ ତାହାଦ୍ୱାରା କାନରେ ପାଣି ଏବଂ ପୂଜ ସୃଷ୍ଟି ହୋଇ ଶ୍ରବଣହାନୀ ହୁଏ । ସେଥିପାଇଁ ସର୍ଦ୍ଦି ହେବାକ୍ଷଣି ତାର ଉପଚାର କରିବା ସଙ୍ଗେ ସଙ୍ଗେ ସର୍ଦ୍ଦି ନହେବା ପାଇଁ ଧୂଳି, ଧୂଆଁ ଏବଂ ଅତ୍ୟଧିକ ଥଣ୍ଡା ଖାଦ୍ୟ, ଥଣ୍ଡା ପାନୀୟ ଠାରୁ ଦୂରେଇ ରହିବା ଉଚିତ । ମୁଣ୍ଡ ଧୋଇଲେ ଯଦି ଥଣ୍ଡା ଧରୁଥାଏ ତାହେଲେ ଔଷଧ ସେବନ କରି ଏକ ଘଣ୍ଟା ପରେ ମୁଣ୍ଡ ଧୋଇବା ଉଚିତ । ବିକାଶମୁଖୀ ଦେଶମାନଙ୍କରେ ଶତକଡ଼ା ୧୦୦ ଭାଗ ଶିଶୁ ଏ ସୁବିଧାରୁ ବଞ୍ଚିତ । ତେଣୁ ଆସନ୍ତୁ ଆମେ ଆବାଳ-ବୃଦ୍ଧ-ବନିତାଙ୍କର ଏହି ଦିନରେ ଶ୍ରବଣ ପରୀକ୍ଷା କରି ଭବିଷ୍ୟତ ପିଢ଼ୀଙ୍କ ପାଇଁ ଶ୍ରବଣହାନୀ ଭଳି ଏକ ବିକଳାଙ୍ଗ ବ୍ୟାଧିକୁ ମୂଳୋତ୍ପାଟନ କରିବା । ବର୍ତ୍ତମାନ ସମୟରେ ଏକ ପ୍ରକାର ଜାଣତ ଅଥଚ ଚିନ୍ତାଜନକ ମହାମାରୀ ଭାବେ ଶ୍ରବଣହାନୀ ସମସ୍ୟା ସବୁଠି ଦେଖିବାକୁ ମିଳୁଛି । କିନ୍ତୁ ବଡ଼ କଥା ହେଉଛି ଆମ୍ଭ ମାନଙ୍କ ଭିତରେ କିଛିଟା ସଚେତନତାକୁ ଜୀବନରେ କାର୍ଯ୍ୟରେ ଲଗାଇପାରିଲେ ସମସ୍ୟା ଗମ୍ଭୀର ହେବନାହିଁ ଓ ସମସ୍ୟାଟି ଦୈନନ୍ଦିନ ଜୀବନଯାପନରେ ସହଜସାଧ ହୋଇଯିବ ।




# ଜାତୀୟ ପ୍ରତିରକ୍ଷା ଦିବସ

ଦେଶମାତୃକାରେ ସେବାରେ ସଦା ଉତ୍ସର୍ଗୀକୃତ ଆମର ସେନାବାହିନୀ ଜଳ, ସ୍ଥଳ ଓ ଆକାଶର ସୁରକ୍ଷା ପାଇଁ ଆମ ଦେଶରେ ସେନାକୁ ତିନି ଭାଗରେ ବିଭକ୍ତ କରାଯାଇଛି । ସ୍ଥଳସେନା, ନୌସେନା ଓ ବାୟୁସେନାର ଯବାନ ମାନେ ଏ ଦେଶର ସୁରକ୍ଷା, ଦେଶ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ତଥା ଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିଥାନ୍ତି । ଏହି ତିନି ସେନାର ନବ କ୍ୟାଡ଼ରମାନଙ୍କୁ ତାଲିମ ପ୍ରଦାନ କରିବାକୁ ମହାରାଷ୍ଟ୍ର ପୁନେର ଖାଡ଼ାଖ୍ୱାସଲାରେ ରହିଛି ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ । ଏହି ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସକୁ ଜାତୀୟ ପ୍ରତିରକ୍ଷା ଦିବସ ଭାବେ ପାଳନ କରାଯାଏ ।

୧୯୪୧ ମସିହାରେ ସୁଦାନ ମୁକ୍ତି ସଂଗ୍ରାମରେ ଭାରତ ଭାଗ ନେଇ ସେ ଦେଶକୁ ସ୍ୱାଧୀନ କରିଥିଲା । ଏହାର ଫଳସ୍ୱରୂପ ସୁଦାନ ସରକାର ଭାରତକୁ ଉପହାର ଭାବେ ୭୦ ହଜାର ଡଲାର ଅର୍ଥ ଦାନ କରିଥିଲେ । ସେହି ଅର୍ଥରୁ ଦେଶ ବିଭାଜନ ପରେ ଭାରତ ଭାଗ୍ୟରେ ପଡ଼ିଥିଲ ୪୦ ହଜାର ଡଲାର । ତେବେ ସୁଦାନ ସରକାରଙ୍କ ସର୍ତ୍ତ ଅନୁସାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥକୁ ଖର୍ଚ୍ଚ କରାଯିବ । ତେଣୁ ସେହି ଅର୍ଥରେ ୧୯୪୭ ମସିହାରେ ପୁନେର ପ୍ରତିଷ୍ଠା କରାଯାଇଥିଲା ଏନ୍‌ଡିଏ । ଏହା ୧୯୪୯ ମସିହାରେ କାର୍ଯ୍ୟକ୍ଷମ ହୋଇ ସେହିବର୍ଷ ମାର୍ଚ୍ଚ ୩ ତାରିଖରେ ପ୍ରଥମ ବ୍ୟାଚ୍ ତାଲିମ ଶେଷ କରି ସେନାରେ ଭାଗ ନେଇଥିଲେ । ତେଣୁ ସେହି ଦିନର ସ୍ମୃତିକୁ ବହନ କରି ପ୍ରତିବର୍ଷ ୩ ତାରିଖରେ ପାଳନ କରାଯାଏ ଜାତୀୟ ପ୍ରତିରକ୍ଷା ଦିବସ । ଏହି ପ୍ରତିଷ୍ଠାନ ନିର୍ମାଣ ପୂର୍ବରୁ ଭାରତୀୟ ସ୍ଥଳ ସେନା ଡେରାଡୁନ୍‌ରେ ଏବଂ ନୌସେନା ଓ ବାୟୁସେନା ବିଦେଶରେ ତାଲିମ ନେଉଥିଲା । କିନ୍ତୁ ଏନ୍‌ଡିଏ ପ୍ରତିଷ୍ଠା ଦ୍ୱାରା ଗୋଟିଏ ସ୍ଥାନରେ ତିନି ସେନାର ଯବାନମାନଙ୍କୁ ଏକକାଳୀନ ତାଲିମ ପ୍ରଦାନ କରାଯାଇଆସୁଛି ।

# ଉତରପ୍ରଦେଶ ନିର୍ବାଚନ: କିଛି କଥା

ଜବାହରଲାଲ ନେହେରୁ, ଗୋବିନ୍ଦବଲ୍ଲଭ ପନ୍ଥ, ହେମବତୀ ନନ୍ଦନ ବହୁଗୁଣା, କମଳାପତି ତ୍ରିପାଠୀ, ଚୌଧୁରୀ ଚରଣ ସିଂ, ବିଶ୍ୱନାଥ ପ୍ରତାପ ସିଂ ନାରାୟଣ ଦତ ତିୱାରୀ, ମୁଲାୟମ ସିଂ ଯାଦବ ଏମାନେ ସଭିଏଁ ବଡ ନେତା । ଏମାନଙ୍କର ମୂଳଭିତି ହେଉଛି ଉତରପ୍ରଦେଶ । ଲୋକସଭାର ୫୪୩ ଆସନ ଭିତରୁ ୮୦ ହେଉଚି ଉତରପ୍ରଦେଶର । ରାଜ୍ୟସଭାର ୨୪୫ ଆସନ ଭିତରୁ ଏଇ ରାଜ୍ୟର ସଭ୍ୟସଂଖ୍ୟା ହେଉଛି ୩୧ । ଉତରପ୍ରଦେଶରେ ଏବେ ନିର୍ବାଚନ ବିଗୁଲ ବାଜି ୨୪ କୋଟିର ଭୋଟର ୪୦୩ ବିଧାନସଭା ଆସନ ପାଇଁ ଭୋଟ ଦେବେ । ଏତେ ଆସନ ଭାରତର ଅନ୍ୟ କୌଣସି ରାଜ୍ୟରେ ନଥିବାରୁ ଅନେକ କହନ୍ତି, ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଉଚନ୍ତି ଭାରତର ପ୍ରଧାନମନ୍ତ୍ରୀ ପଦବୀର ପ୍ରାକ ତାଲିମ ।

ଉତରପ୍ରଦେଶ ନିର୍ବାଚନ ସତରେ ଏକ ବିଚିତ୍ର ବୈଚିତ୍ର୍ୟ । କାରଣ କଥା ଏଠାରେ ଦେଖାଦେଇଥାଏ । ଏଠାକାର ଜନସଂଖ୍ୟାର ଶତକଡା ଅଶୀଭାଗ ହେଉଛନ୍ତି ହିନ୍ଦୁ । ଏଇ ହିନ୍ଦୁ ସମାଜ ପୁଣି ବିଭିନ୍ନ ଜାତି ଧର୍ମରେ ବିଭାଜିତ । ବ୍ରାହ୍ମଣ, ଠାକୁର ଓ ବଣିଆ - ଏମାନେ ହେଲେ ଉଚ୍ଚ ଜାତିର । ଏମାନଙ୍କ ସଂଖ୍ୟା ଶତକଡା ୧୮ ଭାଗ । ଉତରପ୍ରଦେଶରେ ଦଳିତମାନଙ୍କ ସଂଖ୍ୟା ହେଉଛି ୨୫ ଶତାଂଶ । ହିନ୍ଦୁମାନଙ୍କ ମଧ୍ୟରେ ଅନ୍ୟମାନେ ହେଲେ ଅନଗ୍ରସର ଜାତି ବା ଯାହାକୁ କୁହାଯାଉଛି ଓବିସି । ଏମାନଙ୍କ ମଧ୍ୟରେ ଅନେକ ଜାତି ଯେପରି ଯାଦବ ବା ଜାଠ ଅଛନ୍ତି ଯେଉଁମାନେ ଅନଗ୍ରସର ନୁହଁନ୍ତି । କିନ୍ତୁ ସେମାନେ ଓବିସି । କାରଣ ଏମାନେ ହେଉଛନ୍ତି ଗୁରୁତ୍ୱପୂର୍ଣ୍ଣ ଭୋଟବ୍ୟାଙ୍କ । ଏଣୁ ଏମାନଙ୍କୁ ସଂରକ୍ଷଣ ବାହାରକୁ ନେବାର କ୍ଷମତା କୌଣସି ରାଜନୈତିକ ଦଳର ନାହିଁ । ଉତରପ୍ରଦେଶ ଏମିତି ଏକ ରାଜ୍ୟ ଯେଉଁଠି ପ୍ରତି ପାଂଚ ମାଇଲରେ ଲୋକର ଭାଷା ବଦଳିଯାଏ ।

ଦୁଃଖର ବିଷୟ ହେଉଛି ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଧର୍ମନିରପେକ୍ଷ ସମ୍ବିଧାନ ପରିଚାଳିତ ଉତରପ୍ରଦେଶ ହିନ୍ଦୁ ଗୋଷ୍ଠୀର ଜାତିପ୍ରଥାରୁ ମୁକୁଳିପାରି ନାହିଁ । ରାଜନୈତିକ ନେତାମାନେ ଏକଥା ଭଲ ଭାବେ ଜାଣନ୍ତି । ୨୦୧୯ ନିର୍ବାଚନରେ ପଶ୍ଚିମାଂଶରେ ବିଜେପିକୁ ଅଧିକ ସମର୍ଥନ ମିଳିଥିଲା । ଏଥରକ ବିଧାନସଭା ନିର୍ବାଚନରେ ସମୀକରଣ ପୂରାପୂରି ଅଲଗା । ହିନ୍ଦୁ ଓ ମୁସଲମାନ । ନିକଟରେ ହରିଦ୍ୱାରରେ ଅନୁଷ୍ଠିତ ହୋଇଯାଇଥିବା ଧର୍ମ ମହାସଭାରେ କୁହାଯାଇଛି, ହିନ୍ଦୁତ୍ୱ ଏବେ ବିପଦରେ ।

ଠାକୁର ଓ ବ୍ରାହ୍ମଣମାନଙ୍କର ଗୋଷ୍ଠୀ ପୂରାପୂରି ଅଲଗା । ଅଶୀ ଦଶକରୁ ଏଇ ଦୁଇ ଜାତିର ସବୁଠୁ ଅଧିକ ନେତା ନିର୍ବାଚିତ ହୋଇଛନ୍ତି । ଏହାପରେ ଆସେ ଓବିସି ଓ ଦଳିତମାନଙ୍କର ପାଳି । ଏଠାରେ ବ୍ରାହ୍ମଣମାନଙ୍କର ସଂଖ୍ୟା ଶତକଡା ୧୨ ଭାଗ । ବଡ ବଡ ଆସନଗୁଡିକରେ ଏମାନେ ଯାହାକୁ ଚାହୁଁଥିଲେ, ନିର୍ବାଚିତ କରୁଥିଲେ । ତେଣୁ, ପନ୍ଥ, କମଳା ତ୍ରିପାଠୀ ଏବଂ ଇନ୍ଦିରା ଗାନ୍ଧୀ ନିର୍ବାଚିତ ହୋଇ ଆସୁଥିଲେ । ଷାଠିଏ ଦଶକର ଶେଷ ଭାଗରେ ଅଣକଂଗ୍ରେସ ଜମାନାରେ କେତେକ ଶକ୍ତିଶାଳୀ ଅଣବ୍ରାହ୍ମଣ ନେତା- ଚୌଧୁରି ଚରଣ ସିଂ, ରାମମନୋହର ଲୋହିଆ, ରାଜ ନାରାୟଣଙ୍କ ଉଦୟ ଘଟିଲା । ଇନ୍ଦିରା ଗାନ୍ଧୀଙ୍କ ସମୟରେ ଉତରପ୍ରଦେଶରେ ବ୍ରାହ୍ମଣ ନେତାମାନେ ଶାସନ କରୁଥିଲେ, କିନ୍ତୁ ଚୌଧୁରି ଚରଣ ସିଂ ନିର୍ବାଚନ ଗଣିତକୁ ଓଲଟପାଲଟ କରିଦେଲେ । ଜାଠଙ୍କ ସଂଖ୍ୟା କମ୍ ଥିବା ସତ୍ତ୍ୱେ ସେ ଶକ୍ତିଶାଳୀ ହେଲେ । ଦଳିତ ନେତ୍ରୀ ମାୟାବତୀଙ୍କ ରାଜନୈତିକ ଗୁରୁ ହେଲେ କାଂଶୀରାମ । ମୁଲାୟମ ଓ ମାୟାବତୀଙ୍କ ଶାସନ ଆରମ୍ଭ ହେଲା ଓ ବେଶ କିଛିଦିନ ଚାଲିଲା ।

ଏହାପରେ ଆରମ୍ଭ ହେଲା ବିଜେପିର ଶାସନ । ମଣ୍ଡଳ ପରେ ଓବିସି ନେତା ମୁଲାୟମଙ୍କ ଉତ୍ଥାନ । ତା'ପରେ ଦଳିତ ନେତ୍ରୀ ମାୟାବତୀ । କିନ୍ତୁ ଆଡଭାନୀଙ୍କ ରଥଯାତ୍ରା ବିଜେପିକୁ କ୍ଷମତାକୁ ଆଣିବାର ପଥ ପରିଷ୍କାର କରିଦେଇଥିଲା । ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାପରେ ବିଜେପିର ପ୍ରଭାବ ବ୍ରାହ୍ମଣ ଓ ବଣିଆଙ୍କ ଉପରେ ପଡିଲା । ବ୍ରାହ୍ମଣ ନେତା ବାଜପେୟୀଙ୍କ ନାମ, ଯୋଶୀଙ୍କ ଭଳି ନେତାଙ୍କୁ ଆଗରେ ରଖି ବିଜେପି ଅଧିକ ଶକ୍ତିଶାଳୀ ହେଲା । ଯାହାଫଳରେ ୨୦୧୭ ମସିହାରେ ବିଜେପି କ୍ଷମତାକୁ ଆସିଲା । ମୁଖ୍ୟମନ୍ତ୍ରୀ ହେଲେ ଗୋରକ୍ଷାପନ୍ଥୀ ଯୋଗୀ ଆଦିତ୍ୟନାଥ । ମୋଦିଙ୍କ ଆଶୀର୍ବାଦରେ ସେ ପୁରା ପାଂଚବର୍ଷ ଶାସନ କଲେ ।

ଗତ ପାଂଚବର୍ଷ ଭିତରେ ଉତରପ୍ରଦେଶରେ ଦଳିତମାନଙ୍କ ଉପରେ ଅଧିକ ଆକ୍ରମଣ ହୋଇଛି । ଏଣୁ ଦଳିତମାନେ କ୍ଷୁବ୍ଧ । ସେମାନଙ୍କର ଗୁରୁତ୍ୱ ହ୍ରାସ ପାଇଛି ବୋଲି ସେମାନେ ଅନୁଭବ କଲେଣି । ବିଜେପି ଯଦିଓ ଅନ୍ୟ ଦଳିତ ନେତାମାନଙ୍କୁ ନିଜ ସପକ୍ଷରେ ଆଣିବାକୁ ଚେଷ୍ଟା ଚଳାଇଛି । ଦଳିତ ଭୋଟ ଯଦି ବିଭାଜିତ ହୁଏ ତେବେ ବିଜେପି ଲାଭବାନ ହେବ ।

ତେବେ କୋଭିଡ ମହାମାରୀ, ଦାରିଦ୍ର୍ୟ ଓ ବେକାରି ନିର୍ବାଚନରେ ଏକ ପ୍ରମୁଖ ପ୍ରସଙ୍ଗ ହେବ । ବ୍ରାହ୍ମଣ ସମାଜ ମଧ୍ୟରେ ମଧ୍ୟ ବିଭାଜନ ଦେଖାଦେଇଛି । ତେବେ ରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କିଛିଟା ହିନ୍ଦୁ ଭୋଟ ବିଶେଷକରି ଉଚ୍ଚବର୍ଣ୍ଣର ଭୋଟକୁ ଏକାଠି କରିପାରିବ ।

ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ବ୍ୟବଧାନ ବଢିଛି । ଜାତି ଧର୍ମଠାରୁ ଉପରକୁ ଉଠି ଭୋଟର ଭୋଟ ଦେବେ ଏକଥା ମଧ୍ୟ ସୂଚିତ ହୁଏ ନାହିଁ । ଏଣୁ ପୁଣି ଥରେ ଏଠାରେ ଜାତି ଧର୍ମ ଏକ ମୁଖ୍ୟ ପ୍ରସଙ୍ଗ ହେବ ।

ତେବେ ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନର ମୂଳଭିତି ଉତରପ୍ରଦେଶ ନିର୍ବାଚନରୁ ମିଳିଯିବ । ମୋଦି ପୁଣି କ୍ଷମତାକୁ ଆସବେ କି ନାହିଁ ତାର ପ୍ରାକ୍ ସୂଚନା ଏଇ ନିର୍ବାଚନରୁ ମିଳିଯିବ ।

# ସମାଜସେବାରେ ବ୍ରତୀ ଶୌଳେନ୍ଦ୍ରୀ ସେନାପତି



ପାରାଦୀପ (ପିଏନ୍)- ବନ୍ଦର ସହର ପାରାଦୀପକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଲୋକମାନେ ଆସି ନିଜ ନିଜର ଜୀବିକା ନିର୍ବାହ କରିଥାନ୍ତି । ପାରାଦୀପ ସହର ତଥା ଆଖପାଖ ଲୋକଙ୍କ ସମସ୍ୟା କଥାକୁ ସଭିଏଁ ଅଣଦେଖା କରି ଚାଲିଯାଆନ୍ତି । ପାରାଦୀପରେ ବହୁ ମାନସିକ ବିକାରଗ୍ରସ୍ତ, ଗୃହଶୂନ୍ୟ ଲୋକମାନେ ରହିଥାନ୍ତି ସେମାନଙ୍କ କଥାକୁ କେହି ବି ତିଳେମାତ୍ର ହୃଦୟଙ୍ଗମ କରି ନ ଥାନ୍ତି । ପାରାଦୀପ ମଧୁବନରେ ରହୁଥିବା ମହିଳା ସମାଜସେବୀ ଶୌଳେନ୍ଦ୍ରୀ ସେନାପତି ଯିଏ କି ନିଜର ସମସ୍ତ କାମକୁ ପଛ କରି ସମାଜସେବାରେ ସଂପୂର୍ଣ୍ଣ ଭାବେ ସମର୍ପିତ ଓ ନିମଗ୍ନ । ମହାମାରୀ କରୋନାର ପ୍ରଥମ ଲହର ହେଉ କି ଦ୍ୱିତୀୟ ଲହର ଓ ତୃତୀୟ ଲହର ସବୁବେଳେ ସବୁ ସମୟରେ ଲୋକମାନଙ୍କ ପାଖରେ ସେ ଆଗରେ । କରୋନା କଟକଣା ସମୟରେ ରୋଜଗାର ହରେଇଥିବା ଲୋକମାନଙ୍କ ପାଖରେ ପହଂଚି ସେମାନଙ୍କୁ ଖାଦ୍ୟ ବଣ୍ଟନ କରିବା, ଜନସାଧାରଣଙ୍କୁ କରୋନା ସମ୍ପର୍କରେ ସଚେତନତା କରିବା, ମାସ୍କ ବଣ୍ଟନ କରିବା, ସାନିଟାଇଜର ବାଣ୍ଟିବା ଯେପରି ତାଙ୍କର ଏକ ନିଶା ପାଲଟି ଯାଇଥିବା ଦେଖିବାକୁ ମିଳିଥିଲା । ପାରାଦୀପ ଅଂଚଳର ମହିଳାମାନଙ୍କୁ ଏକଜୁଟ କରି ସେମାନଙ୍କୁ ସମାଜସେବାରେ ସାମିଲ କରି ସେ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟି ଯାଇଛନ୍ତି । ଘରର ରୋଷେଇ ବାସ ଶେଷ କରି ମାସ୍କ ତିଆରି କରିବା ଏଥିରେ ଅନ୍ୟ ମହିଳାମାନଙ୍କୁ ସାମିଲ କରିବା ଏବଂ ଏହି ମାସ୍କଗୁଡିକୁ ନେଇ ବିଭିନ୍ନ ବସ୍ତିମାନଙ୍କରେ ରହୁଥିବା ଲୋକମାନଙ୍କୁ ବାଣ୍ଟିବା କ୍ଷେତ୍ରରେ ସେ ପାରାଦୀପରେ ଆଗୁଆ । ସର୍ବଭାରତୀୟ ସମାଜସେବୀ ସଂସ୍ଥା ଏନ୍.ଓ.ସି. ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ଭାବେ ତାଙ୍କ କାର୍ଯ୍ୟକୁ ମିଳିଛି ସବୁ ସ୍ଥାନରେ ଉଚ୍ଚ ପ୍ରଶଂସା ।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୧୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ଜନୈକ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗର ବିଚାର କରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଜଗଦିଶ ପ୍ରସାଦ ମହାନ୍ତି ଅଭିଯୁକ୍ତ ଭାବଗ୍ରାହୀ ଦାସ (୭୦)କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି । ୨୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି । ସୂଚନା ଅନୁଯାୟୀ ଖଇରା ଥାନା ଅଧିନସ୍ଥ ଭଟେସ୍ୱର ଗ୍ରାମର ଭାବଗ୍ରାହୀ ଦାସ ତାଙ୍କ ଘରେ ଜଣେ ନାବାଳିକାଙ୍କୁ ଘରୋଇ କାମ କରିବା ପାଇଁ ରଖିଥିଲେ । ଶ୍ରୀ ଦାସ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଦୁଷ୍କର୍ମ କରିଥିଲେ । ଖବର ପାଇ ଖଇରା ଚାଇଲଡଲାଇନ ନାବାଳିକାଙ୍କୁ ଉଦ୍ଧାର କରି ଥାନାରେ ଅଭିଯୋଗ କରିଥିଲେ । ଭାବଗ୍ରାହୀଙ୍କ ଘରେ ଏହି ୧୧ ବର୍ଷର ନାବାଳିକା ସହ ତା' ସାନ ଭାଇକୁ ଖଇରା ଚାଇଲଡଲାଇନ ନିର୍ଦ୍ଦେଶକ ମଦନମୋହନ ବେହେରା ଉଦ୍ଧାର କରିଥିଲେ । ଚାଇଲଡଲାଇନର ଅଭିଯୋଗ ମୂଳେ ପୁଲିସ କେସ ନଂ ୧୫୧/୧୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା ।

# ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ

ଯୋଡା (ପିଏନ୍): ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ଫ୍ଲାଇଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭ୍‌ରୋକ୍ସ କମ୍ପାନୀ ଯୋଡାବାସୀଙ୍କର ଦୁଃଖକୁ ହୃଦୟଙ୍ଗମ କରୁନଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି । ଦୀର୍ଘ ଦୁଇବର୍ଷ ହେବ ଫ୍ଲାଇଓଭର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଲୋକମାନଙ୍କର ଯାତାୟତରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ଦୁଇ ପାର୍ଶ୍ୱରେ ପ୍ରଥମେ ସର୍ଭିସ୍ ରୋଡ ନିର୍ମାଣ କରିବାର ପ୍ରାବଧାନ ରହିଛି । ଏହି ସର୍ଭିସ୍ ରୋଡ ନିର୍ମାଣ ନିମଂ' କମ୍ପାନୀକୁ ସରକାରଙ୍କ ତରଫରୁ ଅଧିକ ଅର୍ଥ ମଧ ଯୋଗାଇ ଦିଆଯାଇଥାଏ । ଏହି ଅର୍ଥକୁ କାମରେ ନଲଗାଇ ଆତ୍ମସାତ୍ କରିବାକୁ କମ୍ପାନୀ ମସୁଧା କରିଥିବାବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛଁ । ଏହାର ପ୍ରତିବାଦରେ ଅଞ୍ଚଳବାସୀ ଆଜି ସକାଳୁ ଏକତ୍ରିତ ହୋଇ କୁମାର ଯୋଡା ନିକଟରେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି । ଲୋକଙ୍କ ଅଭିଯୋଗ ମୁତାବକ ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅମାନୁଷିକ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ଚାଲିଆସୁଛି । ଯୋଡା ସହର ମଧ ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଦେଇ ପ୍ରତିଦିନ କୋଟି କୋଟି ଟଙ୍କାର ଖଣିଜ ପରିବହନ ହୋଇଥାଏ । ଉଗ୍ର ଗାଡିଚାଳନା ଓ ନିଶ୍ଚିତ ବିପଦରୁ ରକ୍ଷାପାଇବା ପାଇଁ ବହୁ ଦିନରୁ ଏକ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା । ରାଜ୍ୟ ତଥା କେନ୍ଦ୍ର ସରକାର ଏହାକୁ ଗୁରୁତର ସହିତ ବିଚାରକୁ ନେଇ ରଣାଶାଳ ଘାଟି ଠାରୁ କୁମାର ଯୋଡା ପର୍ଯ୍ୟନ୍ତ ୨୦୨୧ ମସିହାରେ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଅନୁମତି ଦେଇଛନ୍ତି । ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ଓଡିଶା ବ୍ରିଜ କନ୍‌ଷ୍ଟ୍ରକ୍‌ସନ୍ (ଓବିସିସି) କମ୍ପାନୀକୁ ହସ୍ତାନ୍ତର କରାଯାଇଛି । ଓବିସିସି ଏହି ଫ୍ଲାଇଓଭର ନିର୍ମାଣ ପାଇଁ ଚେଭ୍‌ରୋକ୍ସ ନାମକ ଏକ ଠିକା ସଂସ୍ଥାକୁ ଦେଇଥିବା ଜଣାପଡିଛି । ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଲହଡି ମାରିବା ସହିତ ଆଣ୍ଠୁଏ କାଦୁଅ ଭରିଯାଉଛି । ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମଧ ଆଣ୍ଠୁଏ କାଦୁଅରେ ଭରିଯାଉଛି । ମୁଖ୍ୟ ରାସ୍ତାର ଦୁଇ କଡରେ ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଇତ୍ୟାଦି ଥିବାବେଳେ ଲୋକମାନେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ । ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥା'ନ୍ତି । କିନ୍ତୁ ବିଡମ୍ବନାର ବିଷୟ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇପାରୁନାହିଁ । ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଘୋର ନିନ୍ଦା କରିଛନ୍ତି । ଚେଭ୍‌ରୋକ୍ସ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏଭଳି ଅମାନୁଷିକ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏପରିସ୍ଥଳେ ଯୋଡା ମଧ ଦେଇ ଯାଇଥିବା ଡ୍ରେନ୍‌ଗୁଡିକ ଠିକଣା ସମୟରେ ସଫା କରାଯାଉନଥିବାରୁ ପ୍ରତ୍ୟେକ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି । ସେହିଭଳି ଯୋଡା ବ୍ଲକ ଅନ୍ତର୍ଗତ କାଳିମାଟୀ ଛକଠାରେ ମୁଖ୍ୟ ରାସ୍ତା ଉପରେ ଅନେକଗୁଡିଏ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଯାହା ଫଳରେ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡିଛି । ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର ଟ୍ରକ୍ ରେଳ ସାଇଡିଂ ଓ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରିଥା'ନ୍ତି । ଉକ୍ତ ରାସ୍ତାରେ ପ୍ରତିଦିନ ଟ୍ରକ୍‌ଗୁଡିକ ଫସିରହିବା ସହିତ ଟ୍ରକ୍‌ଗୁଡିକର ଯନ୍ତ୍ରାଂଶ ଭାଙ୍ଗିଯାଉଥିବାରୁ ମାଲିକମାନେ ଅନେକ କ୍ଷତି ସହୁଛନ୍ତି । ବାରମ୍ବାର ଅଭିଯୋଗ ପରେ ମଧ ଏହି ରାସ୍ତାଗୁଡିକର ସୁଧାର ଆସୁନଥିବା ହେତୁ ବାଧ ହୋଇ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିବା ଜଣାପଡିଛି ।

# ବିକାଶରେ ସହୋଦୟ ସ୍କୁଲ୍ କମ୍ପ୍ଲେକ୍ସର ଅଧକ୍ଷମାନଙ୍କ ବୈଠକ



ଶାସନ, ସମ୍ବଲପୁର (ପିଏନ୍): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ସି) ଶିକ୍ଷାନୀତିରେ ପରିଚାଳିତ ବିଦ୍ୟାଳୟଗୁଡ଼ିକୁ ନେଇ ଗଠିତ 'ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ ସଂଘ'ର ଏକ କର୍ମଶାଳା ସ୍ଥାନୀୟ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଫୁଲବାଣୀର ପ୍ରଭୃତି ଜିଲ୍ଲାରୁ ୨୭ଗୋଟି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ସଂଗୀତ ଶିକ୍ଷକ ଲବ ଭୂୟାଁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏହି ବୈଠକର ଶୁଭାରମ୍ଭ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଅଧକ୍ଷ ମାନଙ୍କୁ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲର ଅଧକ୍ଷ ଶ୍ରୀଯୁକ୍ତ ମନୋରଂଜନ ପତି ସ୍ୱାଗତ ଜଣାଇଥିଲେ । ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଚେୟାର୍‌ମେନ୍ ତଥା ବିକାଶ ଆବାସିକ ବିଦ୍ୟାଳୟର ଅଧକ୍ଷ ଶିଶିର ପ୍ରସାଦ ରାଉଳ ଏହି କର୍ମଶାଳାର ଅଧକ୍ଷତା କରିବା ସହିତ ସଂଗଠନର ଆଭିମୁଖ୍ୟ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସହୋଦୟ ସ୍କୁଲ କମ୍ପ୍ଲେକ୍ସ ସ୍କୁଲର ସେକ୍ରେଟାରୀ ତଥା ଘନଶ୍ୟାମ ହେମଲତା ଇଂଲିଶ ମିଡିୟମ ସ୍କୁଲ, ଝାରସୁଗୁଡ଼ାର ଅଧକ୍ଷା ସଂଯୁକ୍ତ ଦାଶ ସଂଗଠନର ଆଗାମୀ କାର୍ଯ୍ୟଧାରା ସଂପର୍କରେ ସୂଚନା ଦେଇଥିଲେ । ଏହି ବୈଠକରେ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ବାତାବରଣ ସୃଷ୍ଟି ସାଙ୍ଗକୁ ସାମୂହିକ ଭାବେ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ବୌଧିକ ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ । ସିବିଏସ୍‌ଇ ଦ୍ୱାରା ନିର୍ଦ୍ଦେଶିତ ଓ ପରିମାର୍ଜିତ ବିଭିନ୍ନ ନୂତନ ନିୟମ ଓ ପରୀକ୍ଷା ପଦ୍ଧତି ବିଷୟରେ ଆଲୋଚନା କରାଯାଇଥିଲା । ଶିକ୍ଷାବର୍ଷ ୨୦୨୨-୨୩ ପାଇଁ କ୍ରିୟାକଳାପ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ସ୍କୁଲର ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ । ରିଜିଓନାଲ୍ ଅଫିସର, ସିବିଏସ୍‌ଇ, ଭୁବନେଶ୍ୱର ଭିଡିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ ଯୋଗଦେଇ ଉପସ୍ଥିତ ସମସ୍ତ ଅଧକ୍ଷଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଓରିଏଂଟାଲ୍ ପବ୍ଲିକ୍ ସ୍କୁଲ୍ ଅଧକ୍ଷା ଶ୍ରୀମତୀ ସୁନୀତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନପୂର୍ବକ ଅଭିନନ୍ଦନ ଜଣାଇଥିଲେ । ବିକାଶ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମେନ୍ ତଥା ପରିଚାଳନା ନିର୍ଦ୍ଦେଶକ ଆଗାମୀ ଶିକ୍ଷାବର୍ଷର ଉନ୍ନତି ପାଇଁ ସମସ୍ତ ଅଧକ୍ଷମାନଙ୍କୁ ଉତ୍ସାହିତ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଅକ୍ଟୋବର ୩୦

# ଜୟୀ ରାଜଗୁରୁ


ଡ଼ଃ.ଅରୁନ୍ଧତୀ ଦେବୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ସଂଗ୍ରାମୀଙ୍କ ମଧ୍ୟରେ ସହିଦ ଜୟୀରାଜଗୁରୁ ଅନ୍ୟତମ। ସମଗ୍ର ଭାରତବାସୀ ପରାଧୀନତାର ଶିକୁଳିରେ ସନ୍ତୁଳି ହେଉଥିବାବେଳେ ଓଡ଼ିଶାରେ ପାଇକ ବିଦ୍ରୋହର ବହ୍ନି ଜଳିଥିଲା, ଯାହାର ନେତୃତ୍ୱ ନେଇଥିବା ମହାନାୟକଙ୍କ ମଧ୍ୟରେ ଜୟୀ ରାଜଗୁରୁ ଥିଲେ ଅନ୍ୟତମ। ଗୋରା ଶାସକ ବିରୋଧରେ ଉତ୍କଳର ପ୍ରତିଟି ପ୍ରାଣରେ ସେ ବିପ୍ଳବର ବହ୍ନି ଜାଳିଥିଲେ। ତାଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର, କିନ୍ତୁ ଓଡ଼ିଶାବାସୀଙ୍କ ପାଇଁ ସେ ଜୟୀ ରାଜଗୁରୁ। ସେ ଜଣେ ମେଧାବୀ ଛାତ୍ର ଥିଲେ। ବେଦ, ପୁରାଣ ଓ ଶାସ୍ତ୍ର ଅଧ୍ୟୟନ କରି କେବଳ ବଂଶ ପରମ୍ପରା ରାଜ ପୁରୋହିତ ନଥିଲେ, ଶାସ୍ତ୍ର ବିଶାରଦ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଥିଲେ। ଉତ୍କଳର ତତ୍କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ଓ ଉପଦେଷ୍ଟା କରିବାକୁ ଚାହୁଁଥିଲେ। ବାପାଙ୍କ ଅନ୍ତେ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କ ରାଜସଭାରେ ସେ ରାଜଗୁରୁ ତଥା ମନ୍ତ୍ରୀ ଭାବେ ପ୍ରତିଷ୍ଠିତ ହୋଇଥିଲେ। ତା ପରେ ସେ ରାଜଗୁରୁ ପାଲଟିଗଲେ। ଖୋର୍ଦ୍ଧା ରାଜାଙ୍କୁ ଉତ୍କଳର ଶାସକ ଭାବେ ପ୍ରତିଷ୍ଠିତ କରିବା ପାଇଁ ସେ ଉଦ୍ୟମ ଚଳାଇଥିଲେ। ୧୮୦୩ରେ ଇଂରେଜମାନେ ଓଡ଼ିଶା ଅକ୍ତିଆର କରିବା ପରେ ଖୋର୍ଦ୍ଧା ରାଜାଙ୍କଠାରୁ କର ମାଗିଲେ ଏବଂ ସେମାନଙ୍କ ବଶତା ସ୍ୱୀକାର କରିବାକୁ ବାଧ୍ୟ କଲେ। ରାଜଗୁରୁଙ୍କ ସ୍ୱାଭିମାନକୁ ଏହା କଠୋର ଆଘାତ ଦେଲା। ଫିରିଙ୍ଗି ଆଗରେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ପଣ କରି ପ୍ରତ୍ୟେକ ଘରୁ ଜଣକୁ ସୈନିକ କରି ସେ ନିଜ ସୈନ୍ୟବାହିନୀରେ ମିଶାଇଲେ। ବାହ୍ୟ ଆକ୍ରମଣରୁ ରକ୍ଷା କରିବା ପାଇଁ ସେ ବରୁଣେଇ ଗଡ଼କୁ ସୁଦୃଢ଼ କରିଥିଲେ। ଇଂରେଜ ବିରୁଦ୍ଧରେ ଗରିଲା ଯୁଦ୍ଧକୌଶଳ ରାଜଗୁରୁ ଆରମ୍ଭ କରିଥିବା କୁହାଯାଏ। ଇଂରେଜମାନେ ଶେଷରେ ଦେଶଦ୍ରୋହୀଙ୍କୁ ପ୍ରଲୋଭିତ କରି ରାଜଗୁରୁଙ୍କୁ ବନ୍ଦୀ କରିବା ସହ ଓଡ଼ିଶାର ଶେଷ ସ୍ୱାଧୀନ ଦୁର୍ଗ ଅକ୍ତିଆର କରିନେଲେ। ୧୮୦୬ରେ ତାଙ୍କୁ ବିଚାର ପାଇଁ ମେଦିନୀପୁର ପଠାଇ ଦିଆଗଲା। ବିଚାର ପରେ ଡିସେମ୍ବର ୬ରେ ତାଙ୍କୁ ଅମାନୁଷିକ ଭାବେ ହତ୍ୟା କରାଗଲା। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଗୋରା ଶାସକଙ୍କ ଆଗରେ ମୁଣ୍ଡ ନୁଆଁଇନଥିବା ଜୟୀ ରାଜଗୁରୁଙ୍କ ଅବଦାନକୁ ଓଡ଼ିଶା ମାଟି ଚିରକାଳ ଝୁରିବ, ଏଥିରେ ସନ୍ଦେହ ନାହିଁ। ୧୭୩୯ ଅକ୍ଟୋବର ୨୯ଅଁଳା ନବମୀ ଦିନ ପୁରୀ ଜିଲ୍ଲାର ହରେକୃଷ୍ଣପୁର ଗ୍ରାମରେ ଜୟୀ ରାଜଗୁରୁ ଜନ୍ମ ଗ୍ରହଣ କରିଥିଲେ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*

# ସବୁ ସଙ୍କଟକୁ ନଷ୍ଟ କରନ୍ତି ମା'କାଳୀ


ପୁଷ୍ପମିତ୍ର ମହାପାତ୍ର

ମା'କାଳୀ ଯେତିକି ଭୟାବହ, ତାଠାରୁ ଅଧିକ ମନୋରମ ଓ ଭକ୍ତଙ୍କ ପାଇଁ ଆନନ୍ଦଦାୟିନୀ। ଶକ୍ତିଙ୍କର ଗୋଟେ ରୂପ ହେଉଛନ୍ତି ମହାକାଳୀ। ସଂସ୍କୃତରେ କାଳ ଅର୍ଥ ସମୟ। ସମୟ ହାତରୁ କିଛି ବି ଖସିପାରେ ନାହିଁ। ସେହିଭଳି ମା'କାଳୀ ଅହଂର ଅନ୍ତ କରିଥାନ୍ତି। ଦେବୀ ମାହାତ୍ମ୍ୟ ଓ ମାର୍କଣ୍ଡେୟ ପୁରାଣରେ ମା'କାଳୀଙ୍କୁ ଦୁର୍ଗାଙ୍କ ଅବତାର କୁହାଯାଇଛି। ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କ ମିଳିତ ଶକ୍ତିରୁ ମହିଷାସୁରକୁ ହରାଇବା ପାଇଁ ମା'ଦୁର୍ଗାଙ୍କର ସୃଷ୍ଟି ହୋଇଥିଲା। ଦୁର୍ଗା ବା ଅମ୍ବିକା ଯୁଦ୍ଧ ସମୟରେ ଚଣ୍ଡ ଓ ମୁଣ୍ଡ ନାମକ ରାକ୍ଷସଙ୍କୁ ହରାଇବା ପାଇଁ ନିଜ କପାଳରୁ କାଳୀଙ୍କୁ ସୃଷ୍ଟି କରିଥିବା ପୁରାଣରେ ବର୍ଣ୍ଣିତ ଅଛି।

ଏହି ଅଧ୍ୟାୟରେ କୁହାଯାଇଛି ଅମ୍ବିକା ଏତେମାତ୍ରାରେ କ୍ରୋଧିତ ଥିଲେ ତାଙ୍କ ଚେହେରା କାଳି ପରି ବର୍ଣ୍ଣରେ ପରିଣତ ହୋଇଯାଇଥିଲା। କପାଳରୁ ହଠାତ୍ ଖଡ଼ଗ ଓ ଫନ୍ଦା ଧରିଥିବା ମା'କାଳୀଙ୍କର ଆବିର୍ଭାବ ହୋଇଥିଲା। ଖପୁରୀ ମାଳ ପରିହିତା ମା'ଙ୍କର ଜିଭ ବାହାରକୁ ବାହାରିଥିଲା। ଲାଲରଙ୍ଗର ଚକ୍ଷୁ ଓ ତାଙ୍କ ଗର୍ଜନରେ ସମଗ୍ର ଆକାଶ କମ୍ପୁଥିଲା। କାଳୀ ଚଣ୍ଡ ଓ ମୁଣ୍ଡଙ୍କୁ ହତ୍ୟା କରି ତାଙ୍କ ମୁଣ୍ଡ ଅମ୍ବିକାଙ୍କୁ ଅର୍ପଣ କରିଥିଲେ। ସେଥିପାଇଁ ତାଙ୍କୁ ଚାମୁଣ୍ଡା ବାମୁଣ୍ଡେଶ୍ୱରୀ ମଧ୍ୟ କୁହାଯାଏ। ଅନ୍ୟପକ୍ଷରେ ମା'କାଳୀ ମଧ୍ୟ ମା'ର ଏକ ରୂପ। ତାଙ୍କର କଳା ରଙ୍ଗରେ ସବୁରଙ୍ଗ ଲୀନ ହୋଇଯାଏ। ତାଙ୍କର ନଗ୍ନତା ପାରଦର୍ଶିତାକୁ ପ୍ରତୀକାତ୍ମକ ଭାବେ ଦର୍ଶାଇଥାଏ। ଅର୍ଥାତ୍ ଛଦ୍ମ ଆବରଣର ଉର୍ଦ୍ଧ୍ୱରେ ମା'କାଳୀ। ପୃଥିବୀ, ଆକାଶ ଓ ପ୍ରକୃତି ପରି ମା'କାଳୀ ମଧ୍ୟ ପାରଦର୍ଶୀ। ଭଗବାନ ଶିବଙ୍କୁ କୁହାଯାଏ ମହାକାଳ ଓ ସେ ଶ୍ମଶାନରେ ବାସ କରୁଥିବା କୁହାଯାଏ। ଯେଉଁଠି ଶରୀର ଜଳି ପାଉଁଶରେ ପରିଣତ ହୋଇଥାଏ। ଶରୀର ସହିତ ମୋହ ହିଁ ଅହଙ୍କାରର କାରଣ। ଆଉ ଶ୍ମଶାନରେ ସେହି ଅହଙ୍କାର ଧୂଆଁରେ ମିଳାଇଯାଏ। ତେଣୁ ମହାକାଳୀଙ୍କୁ ମୁକ୍ତିର ଦେବୀ ବୋଲି କୁହାଯାଇଥାଏ।

ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ଦୁର୍ନୀତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ। ଏହା ହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ। ରାଷ୍ଟ୍ରଭକ୍ତ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନଙ୍କ ନିକଟରେ କାମନା କରିଥାନ୍ତି। ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମନାସୀ ଜାଳିଥାନ୍ତି ଦୀପାଳି। ଏହି ଦିନକୁ ଆତ୍ମା ସାକ୍ଷାତକାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ। ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ। ଆମର ଆଭାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ। ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ପାଇଁ ଏହିଦିନ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୨୨୫୬୮୯

# ୧୯୯୯ ମହାବାତ୍ୟାର ସ୍ମୃତି ଓ ଅନୁଭୂତି


ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତ ଇତିହାସରେ ସବୁଠାରୁ ପ୍ରଳୟଙ୍କରୀ ବାତ୍ୟା ଆସିଥିଲା ୧୯୯୯ ମସିହାରେ । ଆଣ୍ଡାମାନ ସାଗରରେ ୨୫ ଅକ୍ଟୋବରରେ ସୃଷ୍ଟି ହୋଇ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ମହାବାତ୍ୟା ରୂପ ନେଇଥିଲା । ଜଗତସିଂହପୁର ଜିଲ୍ଲାରେ ଅକ୍ଟୋବର ୨୯ ତାରିଖରେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା। ବାତ୍ୟା ସ୍ଥଳଭାଗରେ ମାଡ ସମୟରେ ଘ । ପ୍ରତି ୨୬୦ କି.ମି ବେଗରେ ପବନ ବହିଥିଲା । ଫଳରେ ଜଗତସିଂହପୁର ଜିଲ୍ଲା ସମେତ ଉପକୂଳିଆ ଜିଲ୍ଲାଗୁଡିକ ଛାରଖାର ହୋଇଯାଇଥିଲା । ବାତ୍ୟା ମାଡ ହେବା ପରେ ସମୁଦ୍ରରେ ୧୫ରୁ ୨୦ ଫୁଟ ଉଚ୍ଚର ଜୁଆର ଉଠିବା ସହିତ ପ୍ରାୟ ୩୫ କି.ମି ପର୍ଯ୍ୟନ୍ତ ସମୁଦ୍ର ପାଣି ମାଡି ଆସିଥିଲା । ଏହି ବାତ୍ୟାରେ ସରକାରୀ ଭାବେ ରାଜ୍ୟରେ ପ୍ରାୟ ୧୦ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୧ କୋଟି ୨୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ୧୮ଲକ୍ଷରୁ ଅଧିକ ଘର ମାଟିରେ ମିଶିଥିଲା । ଅଦ୍ୟାବଧି ଏହାକୁ ଭାରତର ସବୁଠାରୁ ବଡ ବାତ୍ୟା ଭାବେ ବିବେଚନା କରାଯାଉଛି । ଏହି ବାତ୍ୟା ଏବେ ୨୫ ବର୍ଷରେ ପହ ୍ଛି। ହେଲେ ମହାବାତ୍ୟାର କରାଳ ରୂପ ଓ ତାର ଭୟାବହତା ଏବେବି ଲୋକମାନଙ୍କ ମନରେ ଅଭୁଲା ସ୍ମୃତି ହୋଇ ରହିଛି।

ପ୍ରାକୃତିକ ବିପର୍ଯ୍ୟୟର ଚିରସହଚର ହୋଇଛି ଓଡ଼ିଶା। ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବ ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟା ସାମ୍ନା କରିଛି ଓଡିଶା। ଏ ପ୍ରସଙ୍ଗରେ ଜଣାପଡିଛି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବ ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି।ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି।

ଜଳବାୟୁ ପରିବ ୍ତନ ଆମ ପାଇଁ ବିପଦକୁ ଡାକି ଆଣୁଛି। ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତି। ଏହି ଜଳ ବାୟୁ ପରିବ ୍ତନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉ ପ୍ତ ରହୁଛି। ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି। ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖା ପାଖି ଦେଢଲକ୍ଷ ଘର ମାଟିରେ ମିଶିଛି। ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି। ୪ହଜାରରୁ ଉର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି। ଏଥିରୁ ଜଣା ପଡୁଛି ଯେ, ଓଡିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡିଛି। ଯଦିଓ ୧୮୯୧ରୁ ୨୦୨୧ମସିହା ମଧ୍ୟରେ ବାତ୍ୟା ସଂଖ୍ୟା ଧୀରେଧୀରେ କମିବାରେ ଲାଗଛି ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ରହୁଛି। ଚଳିତ ବର୍ଷ ଲଘୁଚାପ ବର୍ଷା ଓଡିଶା ପାଇଁ ବାତ୍ୟା ଓ ବନ୍ୟାଡର ସୃଷ୍ଟି କରିଛି। ସେପ୍ଟେମ୍ବର ଗୋଟିଏ ଲଘୁଚାପ ଓ ଲଗାଣ ବର୍ଷା ନଯାଉଣୁ ପୁଣି ୨୫ ତାରିଖ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା ପରେ ବାତ୍ୟା ଗୁଲାବ ବିପଦ ଟଳିଯାଇଥିଲା ।ଚଳିତ ବର୍ଷ ବଙ୍ଗୋପ ସାଗରରୁ ବାରମ୍ବାର ଲଘୁଚାପ ସୃଷ୍ଟି ହେବାରେ ଲାଗିଛି। ଗତ ସେପ୍ଟେମ୍ବରରେ ୪ଟି ଲଘୁଚାପ ସହ ଗୋଟିଏ ବାତ୍ୟା ପରେ ଏବେ ଅକ୍ଟୋବରରେ ବି ଲଘୁଚାପ ଦାନା ବାନ୍ଧିବା ଆରମ୍ଭ କରିଛି।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଭୟ ଲୋକଙ୍କୁ ଘାରୁଛି। ସତେ ଯେମିତି ଲଘୁଚାପ ଦେଖାଉଛି ବାତ୍ୟା ଡର। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବ ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି। ବିଗତ ଦିନରେ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅ ଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଚ୍ଛି । ସେହିପରି ୨୦୧୫ରେ ଭୟଙ୍କର ଭୂକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ୍, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉ ରାଖଣ୍ଡ ମହାପ୍ରଳୟକୁ ଏବେ ପା ବର୍ଷ ପୁରିବାକୁ ଯାଉଛି। ସେହି ପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ ।

କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃ ିକା, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେ ।ଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃ ିକା ମଧ୍ୟ ପ୍ରଦୂଷିତ ହେଉଛି। ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀ ପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବ ୍ମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନଥିବ । ସେଗୁଡିକର ଶାଖା ମଧ୍ୟ କ ିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ।

୧୯୯୯ ମସିହା ମହାବାତ୍ୟା ଠାରୁ ଆରମ୍ଭ କରି ଶକ୍ତିଶାଳୀ ଫାଇଲିନ୍ ଓ ହୁଡ୍ହୁଡ୍ ଭଳି ଶକ୍ତିଶାଳୀ ବାତ୍ୟା ଆମ ରାଜ୍ୟରେ ଘଟିଯାଇଛି । କାରଣ ସାମୁଦ୍ରିକ ତାପମାତ୍ରା ଅନ୍ୟ ଅ ଳ ତୁଳନାରେ ଏଠାରେ ଅଧିକ ରହିଥାଏ । ଏହି ସମୟରେ ଉ ର ପଶ୍ଚିମ ମହାସାଗରରୁ ସୃଷ୍ଟି ବାତ୍ୟା ଆରବ ସାଗର ଅପେକ୍ଷା ବଙ୍ଗୋପସାଗରରେ ଅଧିକ ଶକ୍ତିଶାଳୀ ହୋଇ ତୁଳନାତ୍ମକ ଭାବେ ଅଧିକ ଶକ୍ତିଶାଳୀ ହୋଇ ବଡ ବାତ୍ୟା ସୃଷ୍ଟି କରିଥାଏ । ଅନ୍ୟ ପକ୍ଷରେ ପାରାଦ୍ୱୀପ ଉପକୂଳ ଅଧିକ ଗଭୀର ହୋଇଥିବାରୁ ଏହି ସ୍ଥାନକୁ ମୁହାଁଉଥିବା ବାତ୍ୟା ଅଧିକ କ୍ଷତି କରିଥାଏ । ନିକଟରେ ବାତ୍ୟା ଦାନା ବିପଦ ଟଳିଯାଇଛି । ଏହାହିଁ ଆଶ୍ୱସ୍ତିର କଥା। ବାତ୍ୟା ଦାନାରେ ୨,୨.୮୦୦ ଏକର ଚାଷ ଜମିରେ ଫସଲ କ୍ଷତିଗ୍ରସ୍ତ ହୋଇଛି । ସେହିପରି ୫,୮୩୯ଘର ସମ୍ପୂର୍ଣ୍ଣ ବା ଆଂଶିକ ଭାଙ୍ଗିଛି । ଖୁବ୍ ଶୀଘ୍ର କ୍ଷୟକ୍ଷତିର ସବିଶେଷ ବିବରଣୀ ଆସିବ । କିନ୍ତୁ ଏବେବି ୧୯୯୯ ମହାବାତ୍ୟା କଥା ପଡିଲେ ଲୋକଙ୍କ ମନରେ ଭୟ ଆସେ । ମହାବାତ୍ୟାର ୨୫ ବର୍ଷପରେ ଏବେବି କ୍ଷତ ଶୁଖିଛି ହେଲେ ଦାଗଲିଭିନି ।

*ସଭାପତି, ସାରସ୍ୱତ ପରିଷଦ,*
*ଜଗତସିଂହପୁର*
*ମୋ-୯୯୩୭୧୫୧୦୫୨*

# କଳାବିକାଶ କେନ୍ଦ୍ର : କଳା ଓ ଗୌରବର କୃତୀ କ୍ଷେତ୍ର


ନାଟ୍ୟସାରଥି ଅଭୟ କୁମାର ଦାସ

ହଜାର ବର୍ଷର ପ୍ରାଚୀନ ସହର କଟକରେ ନୃତ୍ୟ ସଙ୍ଗୀତର ପ୍ରମୁଖ ଅନୁଷ୍ଠାନଟି ହେଉଛି କଳାବିକାଶ କେନ୍ଦ୍ର। ଅନେକ ହୁଏତ ଜାଣିନଥିବେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ଭାରତୀୟ ନୃତ୍ୟ ସଙ୍ଗୀତକୁ କଳାପ୍ରେମୀଙ୍କ ନିକଟରେ ଆଦୃତ କରିବା ପାଇଁ ୧୯୫୨ ମସିହା ଅଗଷ୍ଟ ୧୦ ତାରିଖରେ ସର୍ବପ୍ରଥମେ ଓଡ଼ିଆ ବଜାରରେ ଗୋଟିଏ ଭଡ଼ା ଘରେ କଳାବିକାଶ କେନ୍ଦ୍ର ସ୍ଥାପିତ ହୋଇଥିଲା। ସେ ସମୟରେ ମାସିକ ଭଡ଼ା ଥିଲା ୨୫ଟଙ୍କା। ବିଧିବଦ୍ଧ ଭାବେ ଏହାର ପଞ୍ଜୀକରଣ ତଥା ସମ୍ବିଧାନ ତିଆରିର ପ୍ରସ୍ତୁତି କରିଥିଲେ ଗୋବିନ୍ଦ ଦାସ, ବାଙ୍କବିହାରୀ ଦାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ। ଦିନକୁ ଦିନ ସଙ୍ଗୀତ ଓ କଳାର ଆଦର କରୁଥିବା ପିଲାମାନଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଏହା ରାଣୀହାଟର ଅନ୍ୟ ଏକ ଭଡ଼ା ଘରକୁ ସ୍ଥାନାନ୍ତରିତ ହେଲା ଏବଂ ଏହାର ମାସିକ ଭଡା ରହିଲା ୨୫୦ ଟଙ୍କା। ଦୁଇମହଲା ବିଶିଷ୍ଟ ଏହି କୋଠା ଘରେ କଳାବିକାଶ କେନ୍ଦ୍ରର ଶିକ୍ଷାଦାନ କାର୍ଯ୍ୟକ୍ରମ ପରିଚାଳିତ ହେଲା। କଳାବିକାଶ କେନ୍ଦ୍ରର ମୂଳ ସଂସ୍ଥାପକ ବାବୁଲାଲ ଯୋଶୀ ୧୯୫୭ ମସିହାରେ ମିଶନ ରୋଡ଼ର ୟୁନିୟନ କ୍ଲବ ସନ୍ନିକଟ ସେ ସମୟରେ ଜଙ୍ଗଲିଆ ଜମି ଭାବେ ପରିଚିତ ଚଉଦଗୁଣ୍ଠ ଯାଗାକୁ ମାତ୍ର ଚାରିଶହ ଟଙ୍କାର ବିନିମୟ ମୁଦ୍ରା ଦ୍ୱାରା ହସ୍ତଗତ ହୋଇଥିଲା। ତତ୍କାଳୀନ କଳାପ୍ରେମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ସ୍ଥାନଟିକୁ ଲିଜ ସୂତ୍ରରେ ପ୍ରଦାନ କରିଥିଲେ। ସେ ସମୟରେ କଟକର ଜିଲ୍ଲାପାଳ ସର୍ଦ୍ଦାର ଅମର ସିଂହ। ୧୯୫୮ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ନିଜସ୍ୱ ଲୋକାଲ ଡେଭଲପମେଣ୍ଟ ଫଣ୍ଡରୁ ଦଶ ହଜାର ଟଙ୍କା କଳାବିକାଶ କେନ୍ଦ୍ରର ଗୃହ ନିର୍ମାଣର ଶିଳାନ୍ୟାସ ପାଇଁ ପ୍ରଦାନ କରିଥିଲେ। ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କ ସହଯୋଗରେ ପ୍ରଖ୍ୟାତ ଡୁଗଲ କମ୍ପାନୀ ଚାରି ହଜାର ଟଙ୍କାର ଇଟା ସହଯୋଗ ସ୍ୱରୂପ ପ୍ରଦାନ କରିଥିଲେ। କଟକ କଳାବିକାଶ କେନ୍ଦ୍ରର ପ୍ରଥମ ସଭାପତି ଥିଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ପ୍ରଥମ ସମ୍ପାଦକ ଥିଲେ ବିଶ୍ୱନାଥ ରାଓ। ସେ ସମୟରେ ବର୍ତ୍ତମାନର ସୁବିଖ୍ୟାତ ନୃତ୍ୟଗୁରୁ ମାୟାଧର ରାଉତ ମାତ୍ର ପନ୍ଦର ଟଙ୍କା ଦରମା ବିନିମୟରେ ନୃତ୍ୟ ଶିକ୍ଷା ଦେଉଥିଲେ। କେଳୁଚରଣ ମହାପାତ୍ର ମଧ୍ୟ ମାସିକ କୋଡିଏ ଟଙ୍କା ଦରମାରେ ଶିକ୍ଷା ପ୍ରଦାନ କରୁଥିଲେ। ରାଖାଲ ଚନ୍ଦ୍ର ମହାନ୍ତି କେନ୍ଦ୍ରରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ହିସାବରେ ମଧ୍ୟ କର୍ତ୍ତବ୍ୟରତ ଥିଲେ। କେନ୍ଦ୍ରର ଅନ୍ୟତମ ଶିକ୍ଷକ ଭାବେ ବାଳକୃଷ୍ଣ ଦାଶ କାର୍ଯ୍ୟରତ ଥିଲେ। ସେ ସମୟରେ ଓଡ଼ିଶାର ଏକମାତ୍ର ଓ ପ୍ରମୁଖ ଅନୁଷ୍ଠାନ ଭାବେ କଳାବିକାଶ କେନ୍ଦ୍ର ଓଡ଼ିଶୀ ନୃତ୍ୟ ଓ ଗୀତର ବିଧିବଦ୍ଧ ଚାରିବର୍ଷିଆ ପାଠ୍ୟକ୍ରମ ତିଆରି କରିଥିଲା। ସର୍ବପ୍ରଥମେ ୧୯୫୩ରୁ ୧୯୫୪ ଶିକ୍ଷା ବର୍ଷରେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, ନୀଳମାଧବ ବୋଷ, ଦୟାନିଧି ଦାସ ଓ ଅନେକ ପ୍ରମୁଖ ଶିକ୍ଷା ଗୁରୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଗୀତରେ ଚାରି ବର୍ଷିଆ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା।

କଳାବିକାଶ କେନ୍ଦ୍ରର ସେ ସମୟର ବିଶେଷକରି ପ୍ରଥମ ପାଠ୍ୟକ୍ରମ ବ୍ୟାଚର କଥା ସମ୍ପର୍କରେ ଉଲ୍ଲେଖ କରୁଛୁ। ଆଜିର ପ୍ରସିଦ୍ଧ ସଂଗୀତ ସାଧକ ଭାବେ ସ୍ୱୀକୃତ ପାଇଥିବା ରାଖାଲ ଚନ୍ଦ୍ର ମହାନ୍ତି, ଭିକାରୀ ଚରଣ ବଳ, ଅର୍ଜୁନ ଚରଣ ସାମଲ, ରଘୁନାଥ ନନ୍ଦ, ଅକ୍ଷୟ ମହାନ୍ତି, ଡକ୍ଟର ମନୋରଞ୍ଜନ ପୃଷ୍ଟି, ନବୀନ ଚନ୍ଦ୍ର ପଟ୍ଟନାୟକ ଓ ଇନ୍ଦିରା ରାୟ ପ୍ରମୁଖ ହେଉଛନ୍ତି ପ୍ରମୁଖ ପାଠ୍ୟକ୍ରମର ଛାତ୍ରଛାତ୍ରୀ। ସେହିପରି କେନ୍ଦ୍ରର ପ୍ରଚେଷ୍ଟାରେ ମାୟାଧର ରାଉତଙ୍କୁ ଓ ନବଘନ ମିଶ୍ରଙ୍କୁ ତତ୍କାଳୀନ ମାନ୍ଦ୍ରାଜର କଳାକେନ୍ଦ୍ର ଓ ଲକ୍ଷ୍ନୌର ମରିସ କଲେଜକୁ ନୃତ୍ୟ ଓ ବେହେଲାରେ ଉଚ୍ଚଶିକ୍ଷା ପାଇଁ ପଠାଯାଇଥିଲା। ଶ୍ରୀମତୀ କୁମକୁମ ମହାନ୍ତି କଳାବିକାଶ କେନ୍ଦ୍ରର ଛାତ୍ରୀ। କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଂଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଂଗୀତ, ଭାଓଲିନ, ଗୀଟାର, ତବଲା, ସୁଗମ ସଙ୍ଗୀତ ପରି ସାତଟି ବିଭାଗ ରହିଛି। ସେହିପରି ୧୯୮୪ ମସିହାରୁ ଚାରି କଳା ଶିକ୍ଷା ନିମିତ୍ତ ଚମ୍ପକ ଲାଲ ମେହେଟ୍ଟା ଚାରୁ କଳା କେନ୍ଦ୍ର ସ୍ଥାପିତ ହୋଇଛି। ଏସବୁ ପାଠ୍ୟକ୍ରମର ସମୟ ସୀମା ହେଉଛି ଛଅ ବର୍ଷ।

ସ୍ୱାଧୀନତା ପାଇବା ପରେ ଓଡ଼ିଶୀ ନୃତ୍ୟ ସଂଗୀତର ହଜିଯାଇଥିବା ଗୌରବକୁ ପୁଣି ଫେରାଇ ଆଣି ଓଡ଼ିଶାର ସାଂସ୍କୃତିକ ପୁର୍ନଜାଗରଣର ଏକ ଉତ୍କୃଷ୍ଟ ଗବେଷଣା କେନ୍ଦ୍ର ହେଉଛି କଳାବିକାଶ କେନ୍ଦ୍ର। ଏଠାରେ କର୍ମଜୀବୀ ମହିଳାଙ୍କ ରହଣି ପାଇଁ ତୃପ୍ତିଘୋଷ କର୍ମଜୀବୀ ମହିଳା ନିବାସ ରହିଛି। କେନ୍ଦ୍ରର ନୃତ୍ୟରେ ବିଶେଷ ପାରଦର୍ଶିତା ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଚ୍ଚତର ତାଲିମ କାର୍ଯ୍ୟକ୍ରମ ଗ୍ରହଣ କେନ୍ଦ୍ର ରହିଛି ଏହି କେନ୍ଦ୍ର ତରଫରୁ ବିଭିନ୍ନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥାଏ। କଳାବିକାଶ କେନ୍ଦ୍ରରେ ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ବ୍ୟବହୃତ ଓ ବିଶେଷ ପ୍ରକାର ବାଦ୍ୟ ଯନ୍ତ୍ର, ବେଶ ପୋଷକ ଅଳଙ୍କାର ଓ ଅନ୍ୟାନ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ କଳା ସାମଗ୍ରୀର ଏକ ଛୋଟ ସଂଗ୍ରାହଳୟ ରହିଛି। କଳାବିକାଶ କେନ୍ଦ୍ର ଟ୍ରଷ୍ଟ ଅଧୀନରେ ଏକ ପରାମର୍ଶ ଦାତା କମିଟି ଦୈନନ୍ଦିନ ସମସ୍ତ କାର୍ଯ୍ୟ ପରିଚାଳନା କରିଥାଏ। କଳାବିକାଶ କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ବାବୁଲାଲ ଯୋଶୀଙ୍କ ସେପ୍ଟେମ୍ବର ୨୫, ୧୯୮୩ ମସିହାରେ ପରଲୋକ ହୋଇଥିଲା। ୧୯୧୮ ମଇ ୩୧ ତାରିଖରେ ଗୁଜୁରାଟର ମହୁଆରେ ଜନ୍ମ ନେଇଥିବା ଏହି କଳାପ୍ରେମୀ ବ୍ୟକ୍ତି ଜଣଙ୍କ ସର୍ବପ୍ରଥମେ ଓଡ଼ିଶାର ମୋହନ ଗୋସ୍ୱାମୀଙ୍କ ରାହାସ ଦଳ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟରର ନାଟକ ଦେଖି ଆକୃଷ୍ଟ ହୁଅନ୍ତି ଓଡ଼ିଶାରେ ଏକ କଳା ପ୍ରତିଷ୍ଠାନ ଗଠନ କରିବା ପାଇଁ। ତାଙ୍କରି ସତ୍ୟନିଷ୍ଠ ଓ ସଂକଳ୍ପପୂର୍ଣ୍ଣ ସାଧନା ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ସାଧନା ଏପରି ତୀବ୍ର ଥିଲା ଯେ ଯାହା ଏକ ଲେଖନୀ ଜଣାପଡ଼ିଛି ଏହି କଳାବିକାଶ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଓ ସମ୍ବଳର ଅଭାବ ଥିବାରୁ ସେ ଏକ ପ୍ରକାର ବଜ୍ର ଶପଥ ନେଇଥିଲେ ଯେ ଯେଉଁ ପର୍ଯ୍ୟନ୍ତ କେନ୍ଦ୍ରର ଗୃହ ନିର୍ମାଣ ନ ହୋଇଛି ସେ ପର୍ଯ୍ୟନ୍ତ ମୁଁ ଆଦୌ ଯୋତା ମାଡ଼ିବି ନାହିଁ କି ଗଦିରେ ଶୋଇବି ନାହିଁ ଏବଂ ପ୍ରତିଦିନ ଅନ୍ତତଃ ପକ୍ଷେ କେନ୍ଦ୍ରର ନିର୍ମାଣ ପାଇଁ ଶହେଟଙ୍କା ସହଯୋଗ ରାଶି ସଂଗ୍ରହ କରିବି। ଏହିପରି ଭାବରେ ସେ ସମର୍ପିତ ଭାବନା ନେଇ କଳାବିକାଶ କେନ୍ଦ୍ର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୬୧ ମସିହା ବେଳକୁ ରାଜସ୍ୱ ବିଭାଗର ସଚିବ ଥିବା ଏସ.କେ. ଘୋଷ ସହଯୋଗ ପ୍ରଦାନ କରି ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସଦାଶିବ ତ୍ରିପାଠୀ ସରକାରୀ ଜାଗା ପାଇଁ ଲିଜ ସୂତ୍ର ନିମିତ୍ତ ସହଯୋଗ ରଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ତାଙ୍କ ପତ୍ନୀ ତୃପ୍ତୀ ଘୋଷ ଥିଲେ କଳାବିକାଶ କେନ୍ଦ୍ରର ଜଣେ ସଭ୍ୟା। କଳାବିକାଶ କେନ୍ଦ୍ର କେବଳ ଓଡ଼ିଶାର ନୃତ୍ୟ କଳା କେନ୍ଦ୍ରର ଏକ ପ୍ରମୁଖ କ୍ଷେତ୍ର ନହଁ ବରଂ ଏହା ବିଶ୍ୱର କଳା ଓ ଗୌରବ କୃତୀ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ।

*ଗୋଡରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ନ୍ୟାୟର ଦେବୀଙ୍କ ଆଖିରୁ ହଟିଲା ପଟ୍ଟି


ଗୋପାଳ ମହାପାତ୍ର

କୁହାଯାଏ ଯେ ଯାହାହୁଏ ଭଲ ହୁଏ। ନ୍ୟାୟପାଳିକା ନିକଟରେ ନେଇଥିବା ପଦକ୍ଷେପରୁ ଏକଥାର ସ୍ପଷ୍ଟ ସୂଚନା ମିଳୁଛି। ଭାରତରେ ନ୍ୟାୟପାଳିକାର ପ୍ରତୀକ ଚିହ୍ନ (ନ୍ୟାୟଦେବୀ)ଆଖିରେ ପଟ୍ଟି ବନ୍ଧା ଓ ଗୋଟିଏ ହାତରେ ନିକିତି ଓ ଅନ୍ୟ ହାତରେ ଖଣ୍ଡା ଥିବା ଏକ ନାରୀଙ୍କ ଛିତ୍ର ଥିଲା। ଏହି ଚିତ୍ର ବା ପ୍ରତିମୂ ୍ତୀଙ୍କୁ ନ୍ୟାୟର ଦେବୀ ବୋଲି କୁହାଯାଉଥିଲା, ଯଦିଓ ନ୍ୟାୟ ଦେବାର କାମ ବୋଧହୁଏ ଦେବତା କରିପାରୁ ନଥିଲେ। ନ୍ୟାୟର ଦେବୀଙ୍କ ଆଖିରେ ବୋଧହୁଏ ଏଇଥିପାଇଁ ପଟ୍ଟି ବନ୍ଧା ଯାଇଥିଲା ଯେ ସେ ବିବେକ ଅନୁସାରେ ନ୍ୟାୟ ପ୍ରଦାନ କରି ପାରିବେ, ହାତରେ ଖଣ୍ଡା ଏଇଥିପାଇଁ ବୋଧହୁଏ ଥିଲା ଯେ ଦୋଷୀକୁ ନିର୍ମମ ଭାବେ ଦଣ୍ଡ ଦେଇପାରିବେ। କିନ୍ତୁ ଏବେ ଏହି ନ୍ୟାୟଦେବୀଙ୍କ ଚିତ୍ର/ ପ୍ରତିମୂ ୍ତୀଙ୍କ ଆଖିରୁ ପଟ୍ଟି ହଟାଇ ଦିଆଯାଇଛି ଏବଂ ଖଣ୍ଡା ବଦଳରେ ଏବେ ନ୍ୟାୟର ଦେବୀଙ୍କ ହାତରେ ସମ୍ବିଧାନକୁ ଧରାଇ ଦିଆଯାଇଛି ଯେଉଁ ସମ୍ବିଧାନ ବିଗତ ଲୋକସଭା ନିର୍ବାଚନ ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧିଦଳର ନେତା ମାନଙ୍କ ହାତରେ ଥିଲା। କୁହାଯାଉଛି ଯେ ନ୍ୟାୟର ପ୍ରତୀକର ପରିବ ୍ତନ ପଛରେ ରହିଛି ଦେଶର ମୁଖ୍ୟ ବିଚାରପତି ଡି ଓ୍ୱାଇ ଚନ୍ଦ୍ରଚୂଡ଼ଙ୍କ ପରାମର୍ଶ ଓ ମାର୍ଗଦର୍ଶନ। ତାଙ୍କର ନିର୍ଦ୍ଦେଶରେ ନ୍ୟାୟର ଦେବୀଙ୍କ ଚିତ୍ର/ ପ୍ରତିମୂ ୍ତୀରେ ପରିବ ୍ତନ କରାଯାଇଛି। ନ୍ୟାୟ ଦେବୀଙ୍କ ନୂଆ ପ୍ରତିମା ଦେଶର ସର୍ବୋଚ୍ଚ ଅଦାଲତର ବିଚାରପତିମାନଙ୍କ ଲାଇବ୍ରେରୀରେ ସ୍ଥାପନ କରାଯାଇଛି। ଏହି ପରିବ ୍ତନ ଐତିହାସିକ ନିଷ୍ପତ୍ତି। ମାନ୍ୟବର ସର୍ବୋଚ ନ୍ୟାୟାଳୟଙ୍କ ଏହି ନିଷ୍ପ ି ବ ୍ମାନର ସରକାରଙ୍କ ମାନସିକତା ସହ ସମାନ ବୋଲି ପରିଲକ୍ଷିତ ହେଉଛି। କାରଣ ବ ୍ମାନର ସରକାର ଏବେ ସବୁ କିଛିର ପରିବ ୍ତନ କରିବାପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସହର, ରେଳଷ୍ଟସନ, ବିମାନ ବନ୍ଦରର ନାମ ନୁହେଁ ବରଂ ଇଂରେଜ ଅମଳର ସବୁ ଆଇନକୁ ପରିବ ୍ତନ କରାଯାଇଛି। ଏପରିସ୍ଥଳେ ନ୍ୟାୟପାଳିକା ମଧ୍ୟ ପଛରେ ରହିବ ବା କାହିଁକି? ଏଇଥିପାଇଁ ଭାରତୀୟ ନ୍ୟାୟପାଳିକା ମଧ୍ୟ ବ୍ରିଟିଶ ଅମଳକୁ ପଛରେ ପକାଇ ନୂଆ କଥାକୁ ଆପଣେଇବା ଆରମ୍ଭ କରିଛି। ସର୍ବୋଚ୍ଚ ନ୍ୟାୟାଳୟ ନ୍ୟାୟର ଦେବୀଙ୍କ ଆଖିରୁ ପଟ୍ଟି ହଟାଇ ସନ୍ଦେଶ ଦେବା ପାଇଁ ଚାହିଁଛନ୍ତି ଯେ ଏବେ ଆଇନ୍ ଅନ୍ଧ ନୁହେଁ। ଆଇନ୍ ମଧ୍ୟ ଅନ୍ଧ ହେବା ଠିକ୍ ନୁହେଁ।

ଏବେ ଯେଉଁ ସବୁ ବ୍ୟବସ୍ଥାର ଆଖିରେ ପଟ୍ଟିବନ୍ଧା ଯାଇଛି ସେଥିରୁ ମଧ୍ୟ ପଟ୍ଟି ହଟାଇବା ଜରୁରୀ। ଆଖିରେ ପଟ୍ଟିବନ୍ଧା ହେବା ବିବେକର ପ୍ରତୀକ ବୋଲି କୁହାଯାଏ କିନ୍ତୁ ଅନ୍ୟ ପକ୍ଷରେ ଜାଣିଶୁଣି ଆଖି ବନ୍ଦ କରିବାର ପ୍ରତୀକ ବୋଲି ମଧ୍ୟ କୁହାଯାଇପାରେ। ଦ୍ୱାପରଯୁଗରେ ଗାନ୍ଧାରୀ ତାଙ୍କ ସ୍ୱାମୀଙ୍କ ପ୍ରେମ କାରଣରୁ ଆଖିରେ ପଟ୍ଟି ବାନ୍ଧିଥିଲେ କିନ୍ତୁ ତାର ପରିଣାମ କ'ଣ ହୋଇଥିଲା ସେ କଥା ପୁରାଣରେ ଉଲ୍ଲେଖ ରହିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପଦକ୍ଷେପ ବା ନବାରମ୍ଭର ସ୍ୱାଗତ ଯୋଗ୍ୟ ଏବଂ ଆଶା କରାଯିବା ଉଚିତ୍ ଯେ ନ୍ୟାୟପ୍ରଣାଳୀ ଅଧିକ ଭାବେ ଆଦୃତ ହେବ। ଭାରତର ନ୍ୟାୟପାଳିକା ଉପରେ ଲୋକଙ୍କର ଅଗାଧ ବିଶ୍ୱାସ ରହିଛି ଯଦିଓ ଅନେକ ସମୟରେ କେତେକ ନିର୍ଣ୍ଣୟ ପାଇଁ ବିବାଦ ଉପୁଜିଛି। କିନ୍ତୁ ଅନେକ ଐତିହାସିକ ନିଷ୍ପ ି କାରଣରୁ ନ୍ୟାୟପାଳିକା ତାର ସମ୍ମାନକୁ ବଜାୟ ରଖିପାରିଛି। କିନ୍ତୁ ଦୁର୍ଭାଗ୍ୟ ଯେ ଏବେ ଦେଶର କାର୍ଯ୍ୟପାଳିକା ହେଉ ବା ବିଧାୟିକା ସମସ୍ତଙ୍କ ଆଖିରେ ପଟ୍ଟି ଏବଂ ହାତରେ ଖଣ୍ଡା ରହିଥିବା ପରି ଜଣାପଡୁଛି। ସରକାରଙ୍କ ନିୟନ୍ତ୍ରଣରେ ସବୁକିଛି ରହିଛି। ନ୍ୟାୟପାଳିକା ମଧ୍ୟ। କାରଣ ନ୍ୟାୟପାଳିକାର ନିଯୁକ୍ତ, ବେତନ-ଭତ୍ତା ପର୍ଯ୍ୟ'ର ବ୍ୟବସ୍ଥା ସରକାର କରିଥା'ି। ସରକାର ମଧ୍ୟ ତାଙ୍କ ଆଖିରେ ପଟ୍ଟି ବାନ୍ଧି କାମ କରିଥା'ି ଯେଉଁଠି ଖଣ୍ଡାର ଆବଶ୍ୟକତା ନଥାଏ ସେଠି ଖଣ୍ଡା ଚଳା'ି ଏବଂ ଯେଉଁଠି ଆବଶ୍ୟକତା ଥାଏ ସେଠି ଖଣ୍ଡାକୁ ଛୁଅଁି ନାହିଁ ଏପରିକି ଖଣ୍ଡା ଚଳାଇବା ବେଳେ ଆଖିରୁ ପଟ୍ଟିକୁ ହଟାଇ ଦି'ଅ'ି। ଏ ବାବଦରେ ଉଦାହରଣ ଦେବାର ଆବଶ୍ୟକତା ନାହିଁ, ପାଠକେ ଏହାର ବିଶ୍ଳେଷଣ କରିବେ।

ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ମତ ହେଉଛି ଇଂରୋଜ ଅମଳର କଥାକୁ ଆମେ ଗ୍ରହଣ କରିବା କାହିଁକି। ଆଇନ୍ କେବେ ଅନ୍ଧ ନୁହେଁ। ଆଇନ ସମସ୍ତଙ୍କୁ ସମାନ ରୂପରେ ଦେଖିଥାଏ। ଏଣୁ ନ୍ୟାୟର ଦେବୀଙ୍କ ସ୍ୱରୂପ ପରିବ ୍ତନ ହେବା ଆବଶ୍ୟକ। ଦେବୀଙ୍କ ହାତରେ ଖଣ୍ଡା ପରିବ ୍ତେ ସମ୍ବିଧାନ ରହିବା ଆବଶ୍ୟକ ଓ ସମ୍ବିଧାନ ରହିଲେ ଲୋକଙ୍କ ପାଖକୁ ସନ୍ଦେଶ ଯାଇପାରିବ ଯେ ନ୍ୟାୟପାଳିକା ସମ୍ବିଧାନ ଅନୁସାରେ ହିଁ ନ୍ୟାୟ କରିଥା'ି। ଅନ୍ୟପକ୍ଷରେ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ଙ୍କ ମତରେ ଖଣ୍ଡା ହିଁସାର ପ୍ରତୀକ। ନ୍ୟାୟାଳୟ ହିଂସା ନୁହେଁ ବରଂ ସାମ୍ବିଧାନିକ ବିଧି ଆଇନ୍ ଅନୁସାରେ ନ୍ୟାୟ ପ୍ରଦାନ କରିଥା'ି। ଦେବୀଙ୍କ ଦ୍ୱିତୀୟ ହାତରେ ନିକିତି ଠିକ୍ ଅଟେ ଯାହା ସମସ୍ତଙ୍କୁ ସମାନ ଭାବେ ନ୍ୟାୟ ଦେବାର ପ୍ରତୀକ।

ଭାରତରେ ଗଣତନ୍ତ୍ରରେ ନ୍ୟାୟପାଳିକାର ଭୂମିକାକୁ ଆମ ସମ୍ବିଧାନ ନିର୍ମାତା ମାନେ ଏଭଳି ନିରୁପିତ କରିଛ'ି ଯେ ଏହା ସରକାରଙ୍କ ଅଙ୍ଗ ନହୋଇ ବି ସ୍ୱତନ୍ତ୍ର ଭାବରେ ଦେଶରେ ସାମ୍ବିଧାନର ଶାସନର ଗ୍ୟାରେ ି ଦେଇଥାଏ। ନ୍ୟାୟପାଳିକା ମଧ୍ୟ ତାର ଦାୟିତ୍ୱ ଠିକ ଭାବେ ପାଳନ କରୁଛି ଓ ଏଥିରେ ସର୍ବୋଚ୍ଚ ନ୍ୟାୟାଳୟର ଭୂମିକା ଗୁରୁତ୍ୱପୁର୍ଣ୍ଣ ଅଟେ। ଅନେକ ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ସରକାରୀ ନିଷ୍ପ ିର ସମୀକ୍ଷା ସମ୍ବିଧାନର ଭାବନା ଅନୁସାରେ କରିଥା'ି। ବିଚାରପତି ଚନ୍ଦ୍ରଚୂଡ଼ଙ୍କ ମତରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଭୂମିକା ଲୋକଙ୍କ ନ୍ୟାୟାଳୟ ବା ଅଦାଲତ ରୂପରେ ନିରୁପିତ ହେବା ଉଚିତ୍ ଏବଂ ଏହାର ଏହି ସ୍ୱରୂପ ଭବିଷ୍ୟତ ପାଇଁ ସଂରକ୍ଷିତ ରହିବା ଆବଶ୍ୟକ। ସାଧାରଣ ନାଗରିକଙ୍କ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାର ଖୋଲା ରହିଛି ଏବଂ ସେମାନଙ୍କୁ ନ୍ୟାୟ ମିଳୁଛି ଏହି ଅବଧାରଣାକୁ ସ୍ଥାୟୀ ରଖିବା ଉଚିତ ଯାହାକୁ ବିକଶିତ କରିବା ପାଇଁ ୭୫ ବର୍ଷ ଲାଗି ଯାଇଛି। ସମାଜ ବଦଳୁଛି ଏବଂ ଏହାର ବିକାଶ ହେଉଛି ଏଣୁ ସର୍ବୋଚ୍ଚ ନ୍ୟାୟାଳୟ କେବଳ ବଡ଼ ବଡ଼ ମାମଲା ଉପରେ ନଜର ନରଖି ସାଧାରଣ ବା ଛୋଟ ବୋଲି ଚି'। କରାଯାଉଥିବା ମାମଲା ଉପରେ ଦୃଷ୍ଟି ଦେବା ଉଚିତ୍ ବୋଲି କହିଛ'ି ବିଚାରପତି ଚନ୍ଦ୍ରଚୂଡ଼। ତାଙ୍କ ମତରେ ଗଣତନ୍ତ୍ରରେ କୌଣସି ସାମ୍ବିଧାନିକ ସଂସ୍ଥା ଆଭିଜାତ୍ୟ ନୁହେଁ, ବିଶେଷକରି ନ୍ୟାୟପାଳିକା। କାରଣ ନ୍ୟାୟପାଳିକା ଉପରେ ଲୋକଙ୍କ ସ୍ୱାର୍ଥର ରକ୍ଷା କରିବାର ଦାୟିତତ୍ୱ ରହିଛି। ପରିବ ୍ତିତ ସାମାଜିକ ସମୀକରଣକୁ ମଧ୍ୟ ଅଦାଲତ ସଂଜ୍ଞାନ ନେବା ଉଚିତ୍ ବୋଲି ମଧ୍ୟ କହିଛ'ି ବିଚାରପତି ଚନ୍ଦ୍ରଚୂଡ଼।

ଆଶା କରାଯିବା ଉଚିତ୍ ଯେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ତାଙ୍କ ଅବସର ଗ୍ରହଣ ପୁର୍ବରୁ ଯେମିତି ନ୍ୟାୟପାଳିକାର ପ୍ରତୀକକୁ ବଦଳାଇ ଦେଇଛ'ି ସେହିପରି ସାମ୍ବିଧାନିକ ସଂସ୍ଥାମାନଙ୍କ ଆଖିରେ ଯେଉଁ ପଟ୍ଟି ବନ୍ଧାଯାଇଛି ସେ ସବୁକୁ ହଟାଇବା ଦିଗରେ ପ୍ରୟାସ କରିବେ। ଇଡି ହେଉ ବା ସିବିଆଇ ଏପରିକି କେନ୍ଦ୍ରୀୟ ନିର୍ବାଚନ କମିଶନ ସମସ୍ତଙ୍କ ଆଖିରେ ପଟ୍ଟି ଓ ହାତରେ ଖଣ୍ଡା ରହିଛି। ଆଜିର ସମୟ ଆଖିରେ ପଟ୍ଟିବାନ୍ଧି କାମ କରିବାର ସମୟ ନୁହେଁ କିମ୍ବା ହାତରେ ଖଣ୍ଡା ଧରି କାହାରିକୁ ଶାସନ କରାଯାଇ ପାରିବ ନାହିଁ। ଅନେକଙ୍କ ମତରେ ନ୍ୟାୟର ଦେବୀ ବାସ୍ତବରେ ୟୁନାନର ପ୍ରାକ୍କାଳର ଦେବୀ ଯାହାଙ୍କୁ ନ୍ୟାୟର ପ୍ରତୀକ ବୋଲି କୁହାଯାଉଥିଲା। ଏହାଙ୍କ ନାମ ଜଷ୍ଟିଆ। ଏହାଙ୍କ ନାମରୁ ହିଁ ଜଷ୍ଟିସ ଶବ୍ଦର ଉତ୍ପ ି। ଏହି ଦେବୀଙ୍କ ଆଖିରେ ପଟ୍ଟି ବନ୍ଧା ହେବାର ଅର୍ଥ ହେଉଛି ନ୍ୟାୟର ଦେବୀ ସବୁବେଳେ ନିରପେକ୍ଷ ଭାବେ ନ୍ୟାୟ ଦେଇଥା'ି। କିନ୍ତୁ ଆମେ ସମସ୍ତେ ମଧ୍ୟ ଜାଣିଛେ ଯେ ଆଖିରେ ପଟି ବାନ୍ଧି ମୋଟର ସାଇକେଲ, ସାଇକେଲ ଚଳାଇବା, ଚିତ୍ର ଆଙ୍କିବା ଜାଦୁକରଙ୍କ କାମ। ବିଚାରପତି ଏଭଳି କରିପାରିବେ ନାହିଁ। କିନ୍ତୁ ନେତା କରିପାରିବେ ଓ କରୁଛ'ି। ଯାହାବି ହେଉ ପରିବ ୍ତନ ସ୍ୱାଗତ ଯୋଗ୍ୟ ଏବଂ ଦେଶବାସୀ ବିଚାରପତି ଚନ୍ଦ୍ରଚୂଡ଼ଙ୍କୁ ମନେ ରଖିବେ ନିଶ୍ଚୟ। ଅବସର ଗ୍ରହର ପୂର୍ବରୁ ସେ ନେଇଥିବା ପଦକ୍ଷେପ ଐତିହାସିକ ନିଶ୍ଚୟ।

*ରାମଚନ୍ଦ୍ରପୁର, ରଣପୁର*
*ମୋ: ୯୪୩୮୪୮୫୦୯୪*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।





## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୂର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅନ୍ତର୍ଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ୍ୟ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ୍ୟ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ ! ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି ! ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତ୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଲନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତ୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତ୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି । ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ ! ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା । ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି । ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

### ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷୀୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କତି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୂଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

### କାର୍ଯ୍ୟାଦେଶ ବାତିଲ ଓ ନୂତନ ଠିକାଦାର ନିଯୁକ୍ତି ଦାବି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିୟୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା, ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରିଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

## ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଳଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି

ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତ୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍ନେଶ ମେଓ୍ୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍ନେଶ ମେଓ୍ୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସଂାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ । ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ବିଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ୱର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟ' ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାଁନ୍ତି । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟ' କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାଁନ୍ତି । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ୱର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାଁନ୍ତି । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ । ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।


## DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.KG. & U.KG.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Praggyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ଚୋରୀ ଘଟଣାରେ ୭ଜଣ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା (ପିଏନ୍): ବିଭିନ୍ନ ସ୍ଥାନରୁ ଚୋରୀ ହୋଇଥିବା ଘଟଣାରେ କେନ୍ଦ୍ରାପଡା ଟାଉନଥାନା ପୋଲିସ ଗତ ଗୁରୁବାର ୭ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେହି ଘଟଣାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରିଶ ଚନ୍ଦ୍ର ପାଣ୍ଡେ ଟାଉନ ଥାନାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଚଳିତବର୍ଷ କେନ୍ଦ୍ରାପଡା ଟାଉନ ଥାନା ଓ ସଦର ଥାନା ଅଞ୍ଚଳରେ କେତେକ ଚୋରୀ ଘଟଣା ଘଟିଥିଲା। କେତେକ ସୁତ୍ରକୁ ଆଧାରକରି ପୋଲିସ ସେହିସବୁ ଚୋରୀ ଘଟଣାର ଧରିବାକୁ ଚେଷ୍ଟା କରିଥିଲା। ଗତ ଜୁନମାସ ୬ତାରିଖରେ ଟାଉନ ଥାନା ପୋଲିସ ଦିନ ପାଟ୍ରୋଲିଂ କରୁଥିବା ସମୟରେ ଏକ ଧଳା ରଙ୍ଗର ଇଣ୍ଡିଗୋ କାର (ଓଡି-୦୨-ବି-୩୯୧୫)କୁ ସନ୍ଦେହଜନକ ଅବସ୍ଥାରେ ଫକିରାବାଦ ଗୋବରୀ କେନାଲ ପୋଲ ନିକଟରେ ଧରିଥିଲା। ସେହି କାର ଭିତର ଚେକିଂ କରିବାରେ କେତେକ ଚୋରୀ ଜିନିଷ କାର ଭିତରୁ ବାହାରିଥିଲା। କାର ଭିତରେ ଥିବା ୩ଜଣ ଦୌଡି ଫେରାର ହୋଇଯାଇଥିବା ବେଳେ କାର ଚାଳକ ଓକିଲ ଓରଫ ସେକ ରଫିକୁଲ୍ଲାକୁ ଟାଉନ ଥାନା ପୋଲିସ ଗିରଫ କରିବା ସହିତ କେଶ ନମ୍ବର-୯୫/୨୦୨୧ରେ ଆଇ.ପି.ସି.ର ୪୫୭,୩୮୦ ଓ ୩୪ଦଫାରେ ଏକ ମାମଲା ରୁଜୁ କରିଥିଲା। କାର ଚାଳକ ଓକିଲକୁ ପଚରାଉଚୁରା କରାଯିବାରେ ସେ ସଦର ଥାନା ଅନ୍ତର୍ଗତ ମିର୍ଜାପାଟଣା ଗ୍ରାମର ମିର୍ଜା ମେହେବୁବ ବେଗ ଓରଫ ମେହେବୁବ ଖାନ(୨୭) ଓ ଶାହାରୁଖ ଓରଫ ସେକ ଲୋକମାନ(୩୦) ଏବଂ ଟାଉନ ଥାନା ଅନ୍ତର୍ଗତ ଖଣ୍ଡିଅଙ୍ଗ ଗ୍ରାମର ଗେଡୁ ଓରଫ ସେକ ସାଜିଦ(୩୦) କାର ଭିତରେ ଥିଲେ ଏବଂ ସେଦିନ ସେମାନେ ଦୌଡି ଫେରାର ହୋଇଯାଇଥିବା କହିଥିଲା। ଚଳିତମାସ ୨୯ତାରିଖ ଦିନ ଏହି ୩ଜଣ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଧରିଥିଲା ଏବଂ ସେମାନଙ୍କୁ ଚୋରୀ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା। ଏହି ୩ଜଣ ଅଭିଯୁକ୍ତଙ୍କ ବୟାନ ଅନୁଯାଇ ସେମାନେ ବିଭିନ୍ନ ସ୍ଥାନରୁ ଚୋରୀ କରିଥିବା ସୁନା ଓ ରୁପା ଗହଣା ପାଟକୁରା ଥାନା ଅନ୍ତର୍ଗତ ବନ୍ଧକଟାର ଜଗନ୍ନାଥ ଜୁଏଲାରୀର ମାଲିକ ତଥା ମହାକାଳପଡା ଥାନା ଅନ୍ତର୍ଗତ ନଛିପଡା ଗ୍ରାମର ଅଜୟ ସାହୁ, ଟାଉନ ଥାନା ଅନ୍ତର୍ଗତ ମଢିଆଳର ଏସ. ଚାନ୍ଦ ଜୁଏଲର୍ସର ମାଲିକ ସୁବାଷ ଚନ୍ଦ୍ର ଚାନ୍ଦ ଏବଂ କାକଟ ମଣୀ ଜୁଏଲାରୀ ଓ୍ୱାର୍କସପର ମାଲିକ ଅଜୟ କୁମାର ସାହୁଙ୍କୁ ବିକ୍ରୀ କରିଥିବା କହିଥିଲେ। ପୋଲିସ ଏହି ୩ଜଣ ଚୋର, ଜଣେ କାର ଚାଳକ ଏବଂ ୩ଜଣ ସୁନା ଦୋକାନୀଙ୍କ ଠାରୁ ଗୋଟିଏ କାର(ଓଡି-୦୨-ବି-୩୯୧୫), ୨୧୦ଗ୍ରାମ ଓଜନର ସୁନା ଗହଣା, ୧୮୭ଗ୍ରାମ ଓଜନର ରୁପା ଗହଣା, ୩ଟି ବାଇକ, ଗୋଟିଏ ଅଟୋରିକ୍ସା,୫ଟି ମୋବାଇଲ ସମେତ ଶାବଳ,ଲୁହାରଡ, ପ୍ଲାସ, ଚୁମୁଟା, ସ୍କୃଡ୍ରାଇଭର, ସୁନା ଦୋକାନରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ପ୍ରଭୃତି ଜବତ କରିଥିବା ଅତିରିକ୍ତ ଏସପି ଶ୍ରୀ ପାଣ୍ଡେ ସୂଚନା ଦେଇଥିଲେ। ମିର୍ଜା ମେହେବୁବ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୫ଟି, କଟକ ବାଦାମବାଡି ଥାନାରେ ୩ଟି, ମର୍କତନଗର ଥାନାରେ ୪ଟି, ସିଡିଏ ଫେଜ-୨ ଥାନାରେ ୩ଟି, ଚାଉଳିଆଗଞ୍ଜ ଥାନାରେ ୩ଟି, ମଧୁପାଟଣା ଥାନାରେ ୩ଟି, ଜଗତପୁର ଥାନାରେ ଗୋଟିଏ, ନେମାଳ ଥାନାରେ ଗୋଟିଏ, ପାଟକୁରା ଥାନାରେ ଗୋଟିଏ ଏବଂ କେନ୍ଦ୍ରାପଡା ସଦର ଥାନାରେ ୪ଟି ମାମଲା ରହିଥିବା ବେଳେ ଗେଡୁ ଓରଫ ସେକ ସାଜିଦ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୮ଟି, ସଦର ଥାନାରେ ୪ଟି, ଆଳି ଥାନାରେ ଗୋଟିଏ, ପଟ୍ଟାମୁଣ୍ଡାଇ ଥାନାରେ ୩ଟି, ମାର୍ଶାଘାଇ ଥାନାରେ ଗୋଟିଏ ଏବଂ ଯାଜପୁର ଜିଲ୍ଲାର ବଡଚଣା ଥାନାରେ ଗୋଟିଏ କେଶ ରହିଥିବା ପୋଲିସ ସୂଚନା ଦେଇଛି। ଲୋକା ଓରଫ ସେକ ଲୋକମାନ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୪ଟି, ସଦର ଥାନାରେ ୬ଟି ମାମଲା ରହିଥିବା ସୂଚନା ମିଳିଛି। ସୁନାଦୋକାନୀ ନଛିପଡା ଗ୍ରାମର ଅଜୟ ସାହୁ(୪୮)ଙ୍କ ନାମରେ କେନ୍ଦ୍ରାପଡା ଟାଉନ ଥାନାରେ ୩ଟି, ସଦର ଥାନାରେ ୪ଟି ଏବଂ କଟକ ଜିଲ୍ଲାର ବାଦାମବାଡି ଥାନାରେ ଗୋଟିଏ ମାମଲା ରହିଛି। ମଢିଆଳ ଗ୍ରାମର ସୁନାଦୋକାନୀ ସୁବାଷ ଚନ୍ଦ୍ର ଚାନ୍ଦ(୫୧)ଙ୍କ ନାମରେ ଟାଉନ ଥାନାରେ ୪ଟି ଓ ସଦର ଥାନାରେ ୪ଟି ମାମଲା ରହିଥିବା ବେଳେ କାକଟ ଗ୍ରାମର ଅଜୟ କୁମାର ସାହୁ(୩୬) ଏବଂ କାର ଚାଳକ ସଦର ଥାନା ଅନ୍ତର୍ଗତ ଗରାପୁର ଗ୍ରାମର ଓକିଲ ଓରଫ ସେକ ରଫିକୁଲ୍ଲା(୩୦)ଙ୍କ ନାମରେ ପୂର୍ବରୁ କୌଣସି ମାମଲା ନଥିବା ପୋଲିସ ସୂଚନା ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନା ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ତଦନ୍ତକାରୀ ଅଧିକାରୀ ତଥା ଟାଉନ ଥାନା ସବଇନିସପେକ୍ଟର ସୌମ୍ୟରଞ୍ଜନ ଜାଲି ଓ ସଦର ଥାନା ସବଇନିସପେକ୍ଟର ତପନ କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ଭରତପୁର ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତ ପକ୍ଷରୁ ଆଜାଦିକା ଅମ୍ରିତ ମହୋତ୍ସବ ଏବଂ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ କେନ୍ଦ୍ରାପଡା ଏବିଡିଓ ଅନିରୁଦ୍ଧ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ସ୍ୱଚ୍ଛତା, ପରିଛନ୍ନତା ଓ ଗ୍ରାମାଞ୍ଚଳକୁ ସ୍ୱଚ୍ଛ ଏବଂ ସବୁଜ କରିବାକୁ ଉପସ୍ଥିତ ଜନପ୍ରତିନିଧି ଓ ପଞ୍ଚାୟବାସୀଙ୍କୁ ପରାମର୍ଶ ଦେଇଥିଲେ। ସରପଞ୍ଚ ଶ୍ରୀମତୀ ରାଉତ ତାଙ୍କ ବକ୍ତବ୍ୟରେ ପ୍ରତ୍ୟେକ ଗ୍ରାମରେ ଅଳିଆ ଖାତ ଖୋଳାଯାଇ ସେହି ଖାତରେ ଅଳିଆ ପକାଇବା, ହାତଧୋଇବା ଓ ଘର ପାଖରେ ଅଳିଆ ଆବର୍ଜନା ନପକାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ ମେହେନ୍ଦିପୁର ଗ୍ରାମ୍ୟ ରାସ୍ତାକୁ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ଜେନା, ଗ୍ରାମରୋଜଗାର ସେବକ କ୍ଷଣପ୍ରଭା ବେହେରାଙ୍କ ସମେତ ସମସ୍ତ ଓ୍ୱାର୍ଡସଭ୍ୟ/ସଭ୍ୟା, ଅଙ୍ଗନଓ୍ୱାଡି କର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Wednesday October 30 | ଭୁବନେଶ୍ୱର ବୁଧବାର, ଅକ୍ଟୋବର ୩୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ପାରାଦୀପ ବନ୍ଦର ପକ୍ଷରୁ ଜାତୀୟ ଏକତା ଦିବସ ପାଳନ

ପାରାଦୀପ(ପି.ଏନ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ତମ ଜନ୍ମ ଦିବସ ଅବସରରେ ସାରା ଦେଶରେ ଜାତୀୟ ଏକତା ଦିବସ ପାଳନ କରାଯାଉଅଛି । ଅକ୍ଟୋବର ମାସ ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମ ଗ୍ରହଣ କରିଥିଲେ । ଚଳିତ ବର୍ଷ ଦୀପାବଳୀ ପର୍ବ ପାଳନ ହେଉଥିବାରୁ ଅକ୍ଟୋବର ମାସ ୨୯ ତାରିଖରେ ଏକତା ପାଇଁ ଗଣ ଦୌଡ ଆୟୋଜନ କରିବାକୁ ମାନନୀୟ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ । ସେଥିପାଇଁ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ଏକତା ପାଇଁ ଗଣ ଦୌଡ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦେଶର ଅଖଣ୍ଡତା, ସୁରକ୍ଷା ଓ ଦୂରଦୃଷ୍ଟି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ



ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ଏହି ଗଣଦୌଡରେ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତାଙ୍କ ସମେତ ବନ୍ଦର ଅଧିକାରୀ, କର୍ମଚାରୀ, ସିଆଇଏସଏଫ, ପାରାଦୀପ ମହାବିଦ୍ୟାଳୟ ଓ ମେରିଟାଇମ୍ ଏକାଡେମୀ ଛାତ୍ରମାନଙ୍କ ସମେତ ଗୋପବନ୍ଧୁ ଷ୍ଟାଡିୟମର କ୍ରୀଡାବିତମାନେ ସାମିଲ ହୋଇଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ପ୍ରତିଯୋଗିତ

ଯାଜପୁର,(ପି.ଏନ): "ଦୁର୍ନୀତି ରାଷ୍ଟ୍ର-ବିକାଶର ପରିପନ୍ଥୀ ଓ ମାନବିକତାର ପରମ ଶତ୍ରୁ"। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଆଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅବସରରେ ପ୍ରତିଯୋଗୀ ଓ ଅତିଥିବୃନ୍ଦ ଦୁର୍ନୀତି ନିବାରଣ ଉପରେ ରାଷ୍ଟ୍ରର ବିକାଶ ନିର୍ଭର କରେ ବୋଲି ମତବ୍ୟକ୍ତ କରିଥିଲେ। ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆନୁକୁଲ୍ୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ଅନିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ତଥା ବିଚାରକ ରୂପେ ରାମଲକ୍ଷ୍ମଣ ଉଚ୍ଚ ବିଦ୍ୟାଳୟ (ଖଣ୍ଡରା)ର ପ୍ରାକ୍ତନ ପ୍ରଧାନଶିକ୍ଷକ ଅରୁଣ କୁମାର ବେହେରା ଏହି ସପ୍ତାହ ପାଳନର ଆବଶ୍ୟକତା ବିଷୟରେ ମତ ପ୍ରଦାନ କରିଥିଲେ।




ଅନ୍ୟତମ ବିଚାରକ ତଥା ବିଶିଷ୍ଟ ଅତିଥିରୂପେ ବ୍ରହ୍ମବରଦା ସରକାରୀ ବାଳିକା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଡଃ ଆଶୁତୋଷ ବଳ ଏହି ପ୍ରତିଯୋଗିତାର ବିଭିନ୍ନ ଦିଗ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅନ୍ୟତମ ବିଚାରକ ତଥା ମୁଖ୍ୟ ବକ୍ତାରୂପେ ଯୋଗଦେଇ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଡଃ ଅକ୍ଷୟ କୁମାର ପଣ୍ଡା ଦେଶର ବିକାଶ ଓ ସମୃଦ୍ଧି ନିମନ୍ତେ ଦେଶର ପ୍ରତ୍ୟେକ ନାଗରିକ ସତ୍ୟ, ଧର୍ମ ଓ ନ୍ୟାୟକୁ ଆପଣେଇବାକୁ ପ୍ରତିଜ୍ଞାବଦ୍ଧ ହେବା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନେ "ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ମୂଳଭିତ୍ତି" ପ୍ରସଙ୍ଗରେ ଓଡ଼ିଆ ଓ ଇଂରାଜୀ ଭାଷାରେ ବକ୍ତୃତା ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ମୋଟ୍ ୬ ଜଣ କୃତି ପ୍ରତିଯୋଗୀଙ୍କୁ ମନୋନୀତ କରାଯାଇଥିଲା। ସେମାନଙ୍କୁ ଆସନ୍ତା ୨ ତାରିଖ ଦିନ ୧୦ଟାରେ ଜିଲ୍ଲାପରିଷଦ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପୁରସ୍କୃତ କରାଯିବ। ଏହି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଓ ସଂଯୋଜନା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତିଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ମାୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫୁଲ୍ଲ ପାଠାଗାର ତରଫରୁ ମହାବାତ୍ୟାରେ ମୃତକଙ୍କ ପାଇଁ ସମୂହ ଦୀପଦାନ



ଜଗତସିଂହପୁର,(ପି.ଏନ): ୧୯୯୯ ମହାବାତ୍ୟାର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ସ୍ଥାନୀୟ ପୁରୁଣାଗଡସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ସ୍ମୃତିସଭା ଓ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ସାରସ୍ୱତ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଶିକ୍ଷାବିତ୍ ସତ୍ୟବାଦୀ ଦାସ, ଅଜୟ କୁମାର ପତି, ଗୁରୁପ୍ରସାଦ ରଥ, ଅରୁଣ କୁମାର ସେଠୀ ପ୍ରମୁଖ ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଦେବା ସହ ମହାବାତ୍ୟାର କରାଳ ଚିତ୍ର ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମୃତକଙ୍କ ଉଦ୍ଦେଶ୍ୟରେ ଓ ମହାବାତ୍ୟାର ୨୫ ବର୍ଷ ପୂର୍ତ୍ତି ପାଇଁ ୨୫ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା । ଶେଷରେ ବ୍ରହ୍ମାନନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ଧଣ୍ଡାମୁଣ୍ଡାରେ ଗୌଡିଆପଡାରେ କରମସାନୀ ମହୋତ୍ସବ ପାଳନ

ଖପ୍ରାଖୋଲ,(ପିଏନ୍): ଖପ୍ରାଖୋଲ ବ୍ଲକର ଧଣ୍ଡାମୁଣ୍ଡା ପଞ୍ଚାୟତର ଧଣ୍ଡାମୁଣ୍ଡା ଗୋଡିଆ ପଡ଼ାରେ ଆନନ୍ଦ ଓ ଉତ୍ସାହର ସହ କରମସାନୀ ମହୋତ୍ସବ ଉଦ୍ ?ଯାପିତ ହୋଇଛି । ଏହି ଉତ୍ସବରେ ଗାଁର ମହିଳାମାନେ ଉପବାସରେ ରହି ଭକ୍ତି ରାତିରେ ନୃତ୍ୟ କାର୍ଯ୍ୟକ୍ରମ ଏବଂ ପୂଜାରେ ଅଂଶଗ୍ରହଣ କରିଥିଲେ ।ମହୋତ୍ସବର ଦିନ ଗାଁରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ଏଥିରେ ମୋଟ ୪ଟି ନୃତ୍ୟ ପରିବେଷିତ ହୋଇଥିଲା, ଯାହାକୁ ଉପସ୍ଥିତ ଦର୍ଶକମାନେ ବଢ଼ିଆ ଭାବେ ଉପଭୋଗ କରିଥିଲେ। ଅନେକ ସ୍ଥାନୀୟ ମିଲୁ ବଗର୍ତ୍ତି, ଶ୍ରୀରାମ ରାଉତ, କ୍ଷମାନିଧି ଭୋଇ, ଭଜରାଜ ବରିହା ଏବଂ ଅନ୍ୟାନ୍ୟ ଗ୍ରାମବାସୀ ମଧ୍ୟ ପୂରା ପ୍ରତିଷ୍ଠାରେ ସହଯୋଗ ଜୋଗାଇଥିଲେ । ଉତ୍ସବର ଦ୍ୱାରା ଗାଁରେ ଏକ ନୂଆ ଉତ୍ସାହ ସୃଷ୍ଟି ହୋଇଛି ଏବଂ ମହୋତ୍ସବରେ ସମ୍ପୂର୍ଣ୍ଣ ଗ୍ରାମବାସୀର ସହଭାଗୀତା ଦେଖିବାକୁ ମିଳିଥିଲା ।
ଏହି ପର୍ବ ପାଳନ ଦ୍ୱାରା ଗାଁର



ଜନମାନେ ଏହି ଆନନ୍ଦ ଉପଲକ୍ଷେ ଆସିଥିଲେ ଏବଂ ଏକତାର ଆଭାସ ଦେଇଥିଲେ। ଏହି ଉତ୍ସବର ପୂଜା କାର୍ଯ୍ୟ ସଂପାଦନ କରିଥିଲେ ପୂଜକ ଓ କର୍ତ୍ତା ଉତ୍ତମ ବରିହା। ତାଙ୍କ ସହିତ ମହିଳାମାନେ ଉପବାସରେ ରହି ଭକ୍ତି ସହ ପୂଜାରେ ଅଂଶଗ୍ରହଣ କରି ଏକ ସୁସାଂସ୍କୃତିକ ପରିବେଶ ସୃଷ୍ଟି କରିଥିଲେ।

## ଖପ୍ରାଖୋଲରେ ବ୍ଲକସ୍ତରୀୟ ଖାଦ୍ୟ ମେଳା

ଖପ୍ରାଖୋଲ,(ପିଏନ୍) ସ୍ଥାନୀୟ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଶ୍ରୀ ଅନ୍ନ ଅଭିଯାନ ଓ କୃଷି ବିଭାଗ ର ମିଳିତ ଉଦ୍ୟମ ରେ ବ୍ଲକସ୍ତରୀୟ ଖାଦ୍ୟ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଅନ୍ନ ଅଭିଯାନ ର ବ୍ଲକ ସଂଯୋଜକ ଉମେଶ ଗୁପ୍ତା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୁପେ ଉପମୁଖ୍ୟ ମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସମ୍ମାନୀତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ, ଏଫ୍ ଇ ଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ, ଓ ୟୁ ଏ ଟି ଛାତ୍ରୀ ବର୍ଷାରାଣି



ବରିହା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କ୍ଷୁଦ୍ର ଶସ୍ୟ ଚାଷ, ପୁରାତନ ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା ହେବା ସହିତ ଜୈବିକ ପଦ୍ଧତିରେ କୃଷି, ପାରମ୍ପାରିକ ଖାଦ୍ୟ ଓ କୃଷି ଉପରେ ଗୁରୁତ୍ୱ ଦେବାକୁ ଅତିଥି ମାନେ କହିଥିଲେ। ପରେ ବିଲୁପ୍ତ ପ୍ରାୟ ବିଭିନ୍ନ ଦେଶୀ ବିହନ, ଦେଶୀ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଭୋଜରାଜ୍ ବାରିହା, ସୁନିଲ ହୋତା ପ୍ରମୁଖ ଉପସ୍ଥିତ ଥିବା ବେଳେ ଚାଷୀମାନେ ଉପସ୍ଥିତ ଥିଲେ।

## ବଦଳି ପରେ ଅସନ୍ତୋଷ ବ୍ୟକ୍ତ କଲେ ଜନତା : କେନ୍ଦ୍ରାପଡ଼ା ବିଡିଓଙ୍କ ପ୍ରକୋଷ୍ଠକୁ ଅଣ୍ଡାମାଡ଼

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ବ୍ଲକ ବିଡିଓ ବନ୍ଦନା ଖଟୁଆଙ୍କ ବଦଳି ପରେ ଜନତା ଉତ୍ୟକ୍ତ ହୋଇ ସେମାନଙ୍କ ଆକ୍ରୋଷ ବ୍ୟକ୍ତ କରିଛନ୍ତି। ଫଳ ସ୍ୱରୂପ ବିଡିଓଙ୍କ କାର୍ଯ୍ୟାଳୟକୁ ଘନ ଘନ ଅଣ୍ଡାମାଡ ହୋଇଛି। ଏହା ଦ୍ୱାରା ଦୀର୍ଘଦିନର ଅସୋନ୍ତଷର ବହ୍ନି ଜଳିଛି। କେନ୍ଦ୍ରାପଡା ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନାମରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଅର୍ଥ ତୋଷରପାତ କରାଯାଇଥିବା ଅଭିଯୋଗ ହୋଇଛି। ସରକାରୀ ନୀତି ନିୟମକୁ ସଂପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇ ବେଆଇନ ଭାବରେ ବିଲ କରାଯାଇ କୋଟି କୋଟି ଟଙ୍କାର ସରକାରୀ ଅର୍ଥକୁ ଚଳୁ କରି ଦିଆଯାଇଛି। ଏସମ୍ପର୍କରେ ଉପରିସ୍ତ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ବି ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ଲୋକମାନେ ସେମାନଙ୍କର ବହୁ ଦିନର ଅସନ୍ତୋଷକୁ ବ୍ୟକ୍ତ କରି ଏଭଳି କରିଥିବା ଆଲୋଚନା ହେଉଛି। ସେମାନେ ବିଡିଓଙ୍କ ଉପରେ ଅଣ୍ଡାମାଡ କରିବାକୁ ଯାଇଥିଲେ। ହେଲେ ସେ ନ ଆସିବାରୁ ବାଧ ହୋଇ ତାଙ୍କ କାର୍ଯ୍ୟାଳୟ ଉପରକୁ ଅଣ୍ଡାମାଡ କରିଥିଲେ। ସେ ଅଣ୍ଡାମାଡ଼ର ଯୋଗ୍ୟ। କାରଣ କେନ୍ଦ୍ରାପଡ଼ା ବ୍ଲକରେ ଯେତିକି ସମୟ ରହିଲେ ସେହି ଅବଧି ମଧ୍ୟରେ କୋଟି କୋଟି ଟଙ୍କା ଜନତାଙ୍କ ଟିକସ ଅର୍ଥ ଲୁଟିନେଲେ। ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ମଧ ଅଭିଯୋଗ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି। ରାଜ୍ୟ ସରକାର ମଧ ତାଙ୍କ କାରନାମା ବିଷୟରେ ଜାଣିଲେ। ତେଣୁ ତାଙ୍କୁ କୌଣସି ପଦବୀରେ ଅବସ୍ଥାପିତ କଲେ ନାହିଁ। ଏହି ଅଣ୍ଡାମାଡକୁ ନେଇ ବ୍ଲକ କାର୍ଯ୍ୟାଳୟରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କେନ୍ଦ୍ରାପଡ଼ା ଟାଉନ୍ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାଇ ବିଡିଓଙ୍କୁ ବିରୋଧ କରୁଥିବା କେତେକ ପଞ୍ଚାୟତର ଜନପ୍ରତିନିଧି ଓ କର୍ମୀମାନେ ଏହି ଅଣ୍ଡା ମାଡ କରିଛନ୍ତି। ସେମାନେ ପ୍ରଥମେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ବିଡିଓଙ୍କୁ ସେଠାରେ ପାଇ ନଥିଲେ। ଏହାପରେ ସେମାନେ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଅଣ୍ଡାମାଡ କରିବାକୁ ଛକି ବସିଥିଲେ। ହେଲେ ବିଡିଓ ନଆସି ବାରୁ ସେମାନେ ପୁନର୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ପ୍ରକୋଷ୍ଠକୁ ଲକ୍ଷ୍ୟ କରି ଅଣ୍ଡାମାଡ଼ କରିଥିଲେ। ଏ ନେଇ ବିଡିଓ କେନ୍ଦ୍ରାପଡ଼ା ଥାନାରେ ଏତଲା ଦେଇଛନ୍ତି। ଏତଲା ପାଇବାପରେ ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରକୋଷ୍ଠ ଦୁଆରମୁହଁରେ ଅଣ୍ଡା ପଡିଥିବା ଦେଖିଥିଲେ। ସୂଚନା ଥାଉକି ନିକଟରେ କେନ୍ଦ୍ରାପଡ଼ା ବ୍ଲକ ବିଡିଓଙ୍କ ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। କିଛିଦିନ ହେବ କେତେକ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ନେଇ ଜନ ପ୍ରତିନିଧିମାନେ ବିଡିଓଙ୍କୁ ବିରୋଧ କରୁଥିଲେ। ଏପରିକି କେତେକ ଜନପ୍ରତିନିଧିଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏପରିକି ଜଣେ ପୂର୍ବତନ ବିଧାୟକ ମଧ ତାଙ୍କ ବିରୋଧରେ କହିଛନ୍ତି ଯେ ସେ ବିଧାୟକ ଥିବା ବେଳେ ଦୁହୁରିଆରୁ ଗରାପୁର କୋଠି ଛକ ପର୍ଯ୍ୟନ୍ତ ଯେଉଁ ଷ୍ଟ୍ରିଟ ଲାଇଟ୍ ଲାଗିଥିଲା ତାହାର ୱାର୍କ ଅର୍ଡର ଜଣଙ୍କ ନାମରେ ଥିବା ବେଳେ ବିଡିଓ ଅନ୍ୟ ଜଣଙ୍କ ନାମରେ ବିଲ କରିଦେଇଛନ୍ତି। ସେହିପରି ବ୍ଲକ କାର୍ଯ୍ୟାଳୟରେ ଲାଗିଥିବା ସୋଲାର ପ୍ୟାନେଲ ସଂସ୍ଥାର ଦେୟ ବିଡିଓ ପ୍ରଦାନ କରୁନାହାଁନ୍ତି। ଏହିପରି ସେ ବହୁ ଅନିୟମିତତା କରିଛନ୍ତି ବୋଲି ପୂର୍ବତନ ବିଧାୟକ ଜଣକ କହିଛନ୍ତି। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ବିଡିଓ ଶ୍ରୀମତୀ ଖଟୁଆଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ନଥିଲା।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray